୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.115 Bhubaneswar Sunday June 09 2024 | ୨୬ତମ ବର୍ଷ | ସଂଖ୍ୟା–୧୧୪ ଭୁବନେଶ୍ୱର, ରବିବାର, ଜୁନ ୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹ 1.50 | (Air Surcharge - 0.50P) | Member-INS

## ଜୀବନ ପ୍ରତି ବିପଦ ଅଛି ନା ଥାଟ ଦେଖାଇବାକୁ ୪ ପିଏସଓ ନେଇଛନ୍ତି ମାନସ ମଙ୍ଗରାଜ

ଭୁବନେଶ୍ୱର,୮।୬(ପି.ଏନ): ଦୀର୍ଘ ୨୪ବର୍ଷର ବିଜେଡି ଶାସନକୁ ପ୍ରତ୍ୟାଖ୍ୟାନ କରି ରାଜ୍ୟବାସୀ ବିଜେପିକୁ ବିପୁଳ ବିଜୟ କରିବା ପରେ ଏବେ ବିଜେଡି ନେତାମାନଙ୍କ କାରନାମା ପଦାକୁ ଆସିବାରେ ଲାଗିଛି । ମାତ୍ର ୬ବର୍ଷ ପୂର୍ବରୁ ବିଜେଡିରେ ସାମିଲ ହୋଇ ନିଜର ଗଡଫାଦର ଆଇପିଏସ୍ ଡିଏସ୍ କୁଟ୍‌ଟେଙ୍କ ମାଧମରେ ବିଜେଡି ସଂଗଠନରେ ହାକିମାତି ଜାହିର କରିପାରିଥିବା ମାନସ ରଞ୍ଜନ ମଙ୍ଗରାଜ ସାଧାରଣରେ ପତିଆରା ଦେଖାଇବାକୁ ରାଜ୍ୟ ପୁଲିସର ୪ଜଣ ଯବାନଙ୍କୁ ବ୍ୟକ୍ତିଗତ ସୁରକ୍ଷାକର୍ମୀ(ପିଏସଓ) ଭାବେ ନିୟୋଜିତ କରିଥିବା ଜଣାପଡିଛି। ତେବେ ମାନସଙ୍କ ଜୀବନ ପ୍ରତି ବାସ୍ତବରେ ବିପଦ ଅଛି ନା କେବଳ



ଥାଟ୍ ଦେଖାଇବାକୁ ୪ ପିଏସଓ ନେଇଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।ସୂଚନା ଅନୁସାରେ, ନିଜର ଗଡଫାଦର ଡିଏସ କୁଟ୍‌ଟେଙ୍କ ଆଶୀର୍ବାଦରେ ୨୦୨୨ ଜୁନ୍ ମାସରେ ବିଜେଡି ଟିକେଟରେ ରାଜ୍ୟସଭାକୁ ଯାଇଥିବା ମାନସଙ୍କର ସୁରକ୍ଷାରେ ୪ଜଣ ପିଏସଓ ମୁତୟନ ହୋଇଛନ୍ତି । ରାଜ୍ୟରେ ୧୦ଜଣ ରାଜ୍ୟସଭା ସାଂସଦ ଥିଲେ ମଧ୍ୟ ରାଜ୍ୟ ସରକାର କାହାରିକୁ ଜଣେ ବି ପିଏସଓ ଦେଇନାହାନ୍ତି । କିନ୍ତୁ ମାନସ ନିଜର ପତିଆରା ଓ ଥାଟ୍ ଦେଖାଇବା ପାଇଁ ଜଣେ କି ଦୁଇଜଣ ନୁହେଁ ୪ଜଣ ପ୍ରଶିକ୍ଷଣପ୍ରାପ୍ତ ପୁଲିସ ଯବାନଙ୍କୁ ପିଏସଓ ଭାବେ ନେଇଛନ୍ତି । ତେବେ ରାଜ୍ୟ ସରକାର କେଉଁ ଆଧାରରେ ଏହି ଉଚ୍ଚ ପ୍ରଶିକ୍ଷଣପ୍ରାପ୍ତ ପୁଲିସ ଯବାନମାନଙ୍କୁ ତାଙ୍କ ସୁରକ୍ଷାରେ ମୁତୟନ କରିଥିଲେ ଓ ତାଙ୍କୁ ଏତେ ସଂଖ୍ୟକ ପିଏସଓ ଦେବା ପାଇଁ କିଏ ସୁପାରିଶ କରିଥିଲେ ତାହା ଜଣାପଡିନି ।ଓଡିଶା ପୁଲିସର ସିକ୍ୟୁରିଟି ୱିଙ୍ଗ୍ ସୂତ୍ରରୁ ଜଣାପଡିଛି ଯେ, ରାଜ୍ୟସ୍ତରୀୟ ସୁରକ୍ଷା କମିଟି ବୈଠକ ଶେଷଥର ପାଇଁ ୨୦୨୩ ସେପ୍‌ଟେମ୍ବର ୧୮ତାରିଖରେ ଅନୁଷ୍ଠିତ ହୋଇ ରାଜ୍ୟର ମନ୍ତ୍ରୀ, ବିଧାୟକ, ସାଂସଦ ଓ ଭିଭିଆଇପିମାନଙ୍କ ସୁରକ୍ଷା ସ୍ଥିତିର ସମୀକ୍ଷା ହୋଇଥିଲା । ତେବେ ଏହି ବୈଠକରେ ବିଜେଡି ସାଂସଦ ମାନସ ମଙ୍ଗରାଜଙ୍କୁ ପିଏସଓ ଭାବେ ୪ଜଣ ପୁଲିସ ଯବାନ ଦେବା ନେଇ କୌଣସି ନିଷ୍ପତ୍ତି ହୋଇନଥିଲା । ତାଙ୍କ ଜୀବନ ପ୍ରତି ବିପଦ କ'ଣ ପାଇଁ ଥିଲା ଓ ତା'ର ସମୀକ୍ଷା କେଉଁସ୍ତରରେ କିଏ କରିଥିଲା ଏବଂ କାହା ନିର୍ଦ୍ଦେଶରେ ତାଙ୍କ ସୁରକ୍ଷାରେ ଏତେସଂଖ୍ୟକ ପିଏସଓ ମୁତୟନ ହୋଇଥିଲେ ତାହା କେବଳ ପୁଲିସ ଡିଜି କିମ୍ବା ଗୁଇନ୍ଦା ଡିଜି ହିଁ ଉତ୍ତର ଦେଇପାରିବେ ବୋଲି ଏହି ସୂତ୍ର କହିଛି ।

## ପଦ୍ମ ଧରିଲେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀ: ବିଜେପିରେ ହେଲେ ସାମିଲ



ଭୁବନେଶ୍ୱର,୮।୬(ପି.ଏନ): ନିର୍ବାଚନ ହାରିବା ପରେ ବିଜେଡିକୁ ଲାଗିଛି ଆଉ ଏକ ଶକ୍ତ ଝଟକା । ଦଳର ଜଣେ ବରିଷ୍ଠ ନେତା ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଭୁବନେଶ୍ୱର ଲୋକସଭା ଆସନର ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଆଜି ଦଳ ଛାଡି ପଦ୍ମ ଧରିଛନ୍ତି ପ୍ରସନ୍ନ ପାଟଶାଣୀ । ୨୦୨୪ ନିର୍ବାଚନରେ ବିଜେଡିର ପରାଜୟ ପରେ ବିଜେପିକୁ ନିଜର କରିଛନ୍ତି । ଏ ନେଇ ଦୀର୍ଘ ଦିନରୁ ଆଲୋଚନା ଲାଗି ରହିଥିବା ବେଳେ ଆଜି ଏହା ସତରେ ପରିଣତ ହୋଇଛି ।୨୦୨୪ ନିର୍ବାଚନରେ ପରାସ୍ତ ହୋଇଥିବା ବିଜେଡିର ହାତ ଛାଡିଛନ୍ତି ପ୍ରସନ୍ନ ପାଟଶାଣୀ । ୧୯୯୮ ମସିହାରୁ ୨୦୧୯ ପର୍ଯ୍ୟନ୍ତ ଭୁବନେଶ୍ୱରର ସାଂସଦ ଭାବରେ ସେ ନିର୍ବାଚିତ ହୋଇଥିଲେ । କିନ୍ତୁ ୨୦୧୯ରେ ଦଳ ତାଙ୍କ ଉପରେ ଟିକେଟ ଦେଇନଥିଲା । ୫ ଥର ଭୁବନେଶ୍ୱରରୁ ବିଜୟ ଟୀକା ପିନ୍ଧିଥିବା ପ୍ରସନ୍ନ ପାଟଶାଣୀଙ୍କ ସ୍ଥାନରେ ଭୁବନେଶ୍ୱର ଲୋକସଭା ଆସନ ପାଇଁ ଅରୂପ ମୋହନ ପଟ୍ଟନାୟକଙ୍କୁ ଟିକେଟ ଦେଇଥିଲା । ସେହିପରି ଚଳିତ ନିର୍ବାଚନରେ ମଧ୍ୟ ନବାଗତ ମନ୍ମଥ ରାଉତରାୟଙ୍କ ମୁଣ୍ଡରେ ଏହି ଦାୟିତ୍ୱ ପ୍ରଦାନ କରିଥିଲା ବିଜେଡି । ବିଜେଡିର ଏହି ନିଷ୍ପତ୍ତିକୁ ନେଇ ପ୍ରସନ୍ନ ପାଟଶାଣୀ ଖୁବ ଅସନ୍ତୋଷ ରହିଥିଲେ । ଯାହା ଫଳରେ ଆଜି ସେ ବିଜେଡି ଛାଡି ବିଜେପିରେ ସାମିଲ ହାଇଛନ୍ତି ।ତେବେ ବିଜେଡିରେ ଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦାୟିତ୍ୱ ଗ୍ରହଣ କରିଥିଲେ ପ୍ରସନ୍ନ ପାଟଶାଣୀ । ତେବେ ତାଙ୍କୁ ଦଳ ପକ୍ଷରୁ ରାଜ୍ୟସଭା ପଠାଇବା ପାଇଁ ଦଳ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଦଳ ଏହି ପ୍ରତିଶ୍ରୁତି ନ ରଖିବା ପରେ ବିଜେଡି ଉପରେ ପାଟଶାଣୀଙ୍କ ଅସନ୍ତୋଷ ଭାବ ଦେଖାଯାଇଥିଲା ।

### ମୋ ବସକୁ ଧକ୍କା ଦେଲା ଦୁଇଟି ଟ୍ରକ, ୨୦ରୁ ଅଧିକ ଆହତ

କଟକ,୮।୬(ପି.ଏନ): ତେଲେଙ୍ଗା ପେଣ୍ଠ ନିକଟରେ ବଡ଼ ଧରଣର ଦୁର୍ଘଟଣା । ମୋ ବସକୁ ପଛରୁ ଧକ୍କା ଦେଲା ଦୁଇଟି ଟ୍ରକ । ୨୦ରୁ ଅଧିକ ଆହତ ଲୋକ ଆହତ ହୋଇଥିବା ସୂଚନା । ଦୁର୍ଘଟଣାରେ ଭାଙ୍ଗିଯାଇଛି ମୋ ବସର ପଛପଟ । କଟକ ଟୋୟଟା ସୋରୁମ୍ ନିକଟରେ ଟ୍ରକ-ବସ୍ ଧକ୍କା ହୋଇଥିବା ଖବର ସାମ୍ନାକୁ ଆସିଛି ।

### ବ୍ରାହ୍ମଣୀ ନଦୀରେ ବୁଡି ୨ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର,୮।୬(ପି.ଏନ): ଆଜି ରାଉରକେଲା ବ୍ରାହ୍ମଣୀ ନଦୀରେ ବୁଡି ନିଟ୍‌ର ୨ ଛାତ୍ରଙ୍କ ମୃତ୍ୟୁ ହୋଇଛି । ବେଦବ୍ୟାସ ମନ୍ଦିର ବୁଲିବାକୁ ଯାଇ ୬ ଛାତ୍ରଛାତ୍ରୀ ଗାଧୋଇବା ସମୟରେ ଘଟିଥିଲା ଏହି ଅଘଟଣ । ୪ ଜଣଙ୍କୁ ଉଦ୍ଧାର କରାଯାଇ ଆରଜିଏଚ୍ ହସ୍ପିଟାଲରେ ଭର୍ତ୍ତିକରାଯାଇଛି । ଏଥିରେ ଜଣେ ଛାତ୍ରୀ ଗୁରୁତର ଥିବା ଜଣାଯାଇଛି । ଏମାନେ ସମସ୍ତେ ରାଉରକେଲା ନିଟ୍‌ରେ ଇଣ୍ଟର୍ଣ୍ଣ ଛାତ୍ର ଥିଲେ । ଛାତ୍ରଛାତ୍ରୀଙ୍କ ପରିଚୟ ମିଳିନି ।

### ସଫା ସଫା କହିଲେ ଇସିଆଇ: ମିଛ କହିଥିଲେ ଆଶିଷ ସିଂ, ଦେଇଥିଲେ ଭୁଲ୍ ତଥ୍ୟ

ଭୁବନେଶ୍ୱର,୮।୬(ପି.ଏନ): ଆଇପିଏସ୍ ଅଫିସର ଆଶିଷ ସିଂ ପୂରା ଫିଟ୍। ଶାରୀରିକ ଓ ମାନସିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଦେଇଥିଲେ ଭୁଲ୍ ତଥ୍ୟ। ଭୁବନେଶ୍ୱର ଏମ୍‌ସର ସ୍ୱତନ୍ତ୍ର ମେଡିକାଲ ବୋର୍ଡ ରିପୋର୍ଟ ଆଧାରରେ ଏହା ସ୍ପଷ୍ଟ କରିଛନ୍ତି ଭାରତୀୟ ନିର୍ବାଚନ କମିଶନ(ଇସିଆଇ)। ଇସିଆଇ ସଫା ସଫା କହିଛନ୍ତି, ନିଜ ସ୍ୱାସ୍ଥ୍ୟ ବାବଦରେ ମିଛ କହିଥିଲେ ଆଶିଷ। ଭୁଲ୍ ତଥ୍ୟ ଦେଇଥିଲେ। ତେଣୁ ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ କମିଶନ।

## ମୁଁ ମୁଖ୍ୟମନ୍ତ୍ରୀ ଦୌଡ଼ରେ ନାହିଁ : ବିଜେପି ସଭାପତି ମନମୋହନ ସାମଲ

ଭୁବନେଶ୍ୱର,୮।୬(ପି.ଏନ): ଦିଲ୍ଲୀରୁ ଫେରିବା ପରେ ଭୁବନେଶ୍ୱର ବିମାନ ବନ୍ଦରଠାରେ ପହ☐ିବା ପରେ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉ☐ରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ସେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ନାହାଁନ୍ତି । ଆସନ୍ତାକାଲି ସନ୍ଧ୍ୟାସୁଦ୍ଧା କେନ୍ଦ୍ରୀୟ ପାର୍ଲାମେ☐ାରୀ ବୋର୍ଡ଼ ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିବେ। ଓଡ଼ିଶାର ନୂଆ



ମୁଖ୍ୟମନ୍ତ୍ରୀ ୧୦ ତାରିଖ ସୋମବାର ଦିନ ଭୁବନେଶ୍ୱରସ୍ଥ ଜନତା ମଇଦାନଠାରେ ଏକ ଭବ୍ୟ ସମାରୋହରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ନୂଆକରି ତାଙ୍କ କ୍ୟାବିନେଟରେ ଯୋଗ ଦେଇଥିବା କିଛି କେନ୍ଦ୍ର ମନ୍ତ୍ରୀ ଅନେକ ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଶପଥ ଗ୍ରହଣ କରିବେ।

### ଧର୍ମଶାଳା ବିଧାୟକଙ୍କୁ ସମ୍ବର୍ଦ୍ଧନା ଓ ବିଜୟ ଶୋଭାଯାତ୍ରା

ଧର୍ମଶାଳା,୮।୬(ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆଜି ୪ଟି ପଂଚାୟତରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଥାନୁଆଳ ପଂଚାୟତ ଗୁଆରଙ୍ଗ ପଡ଼ିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଶ୍ରୀ ସାହୁ ଯୋଗଦେଇ ଗୁଆରଙ୍ଗ ମାଟିକୁ ନମସ୍କାର କରି କହିଥିଲେ ଯେ, ଥାନୁଆଳ ପଂଚାୟତ ପ୍ରମାଣ କରିଦେଇଛି ଏହା ଏକ ସ୍ୱାଭିମାନ ପଂଚାୟତ । ଆପଣମାନେ ୨୯ବର୍ଷର ପରିବାରବାଦ ଶାସନକୁ ଫିଙ୍ଗି ଫୋପାଡ଼ି ଦେଇଛଁ । ସରକାରକୁ ବଦଳାଇ ଦେଇଛଁ । ଧର୍ମଶାଳାକୁ ସ୍ୱାଧୀନ କରିଛଁ । ଏ ବିଜୟ ଆପଣମାନଙ୍କର । ମୁଁ ସେବକ । ଆପଣମାନଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବି ।

## ଧର୍ମେନ୍ଦ୍ର ପ୍ରଧାନ ଭାବି ମୁଖ୍ୟମନ୍ତ୍ରୀ !

ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୬(ପି.ଏନ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ରାଜ୍ୟ ବିଜେପିର ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ ବୋଲି ଦିଲ୍ଲୀ ଦରବାରରେ ଜୋର ଧରିଛି। ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯଦି ଧର୍ମେନ୍ଦ୍ର ପ୍ରଧାନ ମନ୍ତ୍ରୀମଣ୍ଡଳରେ ଶପଥ ଗ୍ରହଣ ନକରନ୍ତି ତେବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ସୋମବାର ଦିନ ଶପଥ ଗ୍ରହଣ କରିବା ଏକପ୍ରକାର ନିଶ୍ଚିତ। ସୂଚନାଯୋଗ୍ୟ ରାଜ୍ୟର ଅନେକ ତୁଙ୍ଗ ନେତା ଯଥା-



ସୁରେଶ ପୂଜାରୀ, ବୈଜୟନ୍ତ ପଣ୍ଡା, ପ୍ରତାପ ଷଡ଼ଙ୍ଗୀ, ମୋହନ ମାଝୀଙ୍କ ନାମ ମଧ୍ୟ ଚର୍ଚ୍ଚାରେ ଅଛି। ଅନ୍ୟ ଏକ ବିଶେଷ ସୂତ୍ରରୁ ଯାହା ଜଣାପଡ଼ିଛି ରାଜ୍ୟ ସଭାପତି ମନମୋହନ ସାମଲ ଯାହାଙ୍କ ନେତୃତ୍ୱରେ ଓଡ଼ିଶା ବିଜେପି କ୍ଷମତାରେ ଆସିବା ସହ ୨୦ଟି ଲୋକସଭା ଆସନ ପାଇବାରେ ସଫଳତା ଲାଭକରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ କେନ୍ଦ୍ରୀୟ ନେତୃବୃନ୍ଦ ତାଙ୍କୁ ଆଗାମୀ ଦିନର ସମସ୍ୟା ଏବଂ ଆହ୍ୱାନକୁ ସାମନା କରିବାର ସକ୍ଷତା ଥିବା ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବ☐ମାନର ସଭାପତିଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଅର୍ପଣ କରିବା ପାଇଁ ବିଚାର ବମର୍ଷ ଜାରି ରଖିଛନ୍ତି।

## ନୀତୀଶ କୁମାରଙ୍କୁ ପ୍ରଧାନମନ୍ତ୍ରୀ ପଦ ଅଫର କରିଥିଲା କି ଇଣ୍ଡିଆ ବ୍ଲକ ?

ନୂଆଦିଲ୍ଲୀ,୮।୬(ପି.ଏନ): ପଲଟୁରାମ ଭାବେ ପରିଚିତ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ତାଙ୍କ ଦଳ ଜେଡିୟୁକୁ ନିଜ ସହ ସାମିଲ କରିବା ପାଇଁ ବିରୋଧୀ ମେଣ୍ଟ ଇଣ୍ଡିଆ ପ୍ରଧାନମନ୍ତ୍ରୀ ପଦ ଅଫର କରିଛି କି ନୀତୀଶ କୁମାରଙ୍କୁ ସାଥୀ କରି ବିଜେପି କେନ୍ଦ୍ରରେ ସରକାର ଗଠନ କରିବାକୁ ଯାଉଛି। ହେଲେ ବିଜେପିକୁ ଚକମା ଦେବା ପାଇଁ ଇଣ୍ଡିଆ ବ୍ଲକ ନୀତୀଶ କୁମାରଙ୍କୁ ନିଜ ଆଡକୁ ଆଣିବାକୁ ଚାହୁଁଛି କି ?



## ରାଏବରେଲୀ ରଖିବେ, ୱାୟନାଡ ଆସନ ଛାଡିବେ ରାହୁଲ ଗାନ୍ଧି !

ଭୁବନେଶ୍ୱର,୮।୬(ପି.ଏନ): କଂଗ୍ରେସ ନେତା ରାହୁଲ ଗାନ୍ଧି ଚଳିତ ଲୋକସଭା ନିର୍ବାଚନରେ ଉତ୍ତର ପ୍ରଦେଶର ରାଏବରେଲୀ ଓ କେରଳର ୱାୟନାଡ ଆସନରୁ ଜିତିଛନ୍ତି। ଏହି ଦୁଇ ଆସନ ମଧ୍ୟରୁ ତାଙ୍କୁ ଗୋଟିଏ ଛାଡିବାକୁ ପଡିବ।ଏହାକୁ ନେଇ ଉଭୟ ନିର୍ବାଚନ ମଣ୍ଡଳୀର ଲୋକ ଦ୍ୱନ୍ଦ୍ୱରେ ଥିବା ବେଳେ ରାହୁଲ ତାଙ୍କ ୱାୟନାଡ ଆସନ ଛାଡିବେ ବୋଲି ଜଣାପଡିଛି। ତେବେ ଏହା ଉପରେ ରାହୁଲ ଗାନ୍ଧି ନିଜେ ଜୁନ ୧୭ ପୂର୍ବରୁ ଘୋଷଣା କରିବେ।



## ଡାକ୍ତର ଅମ୍ଳାନ ଭୋଇଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କଲା ପୁଲିସ

ମାଲକାନଗିରି,୮।୬(ପି.ଏନ): କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅମ୍ଳାନ ଭୋଇକୁ ପୁଲିସ ଉଦ୍ଧାର କରି ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏସପି ନୀତିଶ ବାଧୱାନୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଗତ ୨ ତାରିଖ ସାଢେ ୯ଟାରେ କାଲିମେଳା ଡାକ୍ତର ଖାନାର ମେଡିକାଲ ଅଫିସର ରାକେଶ କୁମାର ସାହୁ କାଲିମେଳା ଥାନାରେ ଲିଖିତ ଏତଲା ଦାୟର କରିଥିଲେ ଯେ ଡାକ୍ତର ଅମ୍ଳାନ ଭୋଇ ଘରେ ନାହାନ୍ତି ଏବଂ ତାଂକ ଘର ଆଗରେ ନକ୍ସଲ ଏକ ପୋଷ୍ଟର ମାରିଛନ୍ତି। ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଲଗାତାର ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଅମ୍ଳାନଙ୍କୁ ଖୋଜିବା ଆରମ୍ଭ କରିଥିଲେ।ତେବେ ପ୍ରାଥମିକ ତଦନ୍ତରୁ ନକ୍ସଲ ଅମ୍ଳାନଙ୍କୁ ଅପହରଣ କରନଥିବା ଜଣାପଡିଥିଲା। ସେ କୁଆଡେ ଗଲେ ଏବଂ କାହିଁକି ଗଲେ ପୁଲିସ ଟେର ମଧ୍ୟ ପାଇପାରିନଥିଲା। ଗତ ୫ ତାରିଖରେ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ ଡାକ୍ତର ଅମ୍ଳାନ କର୍ଣ୍ଣାଟକର ରାମନାଗଡ ଜିଲ୍ଲାର ହରହାଲି ଥାନା ଅନ୍ତର୍ଗତ ହରହାଲି ବସଷ୍ଟାଣ୍ଡରେ ଠିଆ ହୋଇଛନ୍ତି। ତୁରନ୍ତ ହରହାଲି ପୁଲିସ ଥାନାକୁ ତୁରନ୍ତ ମାଲକାନଗିରି ପୁଲିସ ଯୋଗାଯୋଗ କରି ଅମ୍ଳାନକୁ ଉଦ୍ଧାର କରାଯାଇଥିଲା। ପରେ ମାଲକାନଗିରି ପୁଲିସ କର୍ଣ୍ଣାଟକ ପହଞ୍ଚି ଅମ୍ଳାନଙ୍କୁ ମାଲକାନଗିରି ଆଣିଥିବା କହିଥିଲେ।

## ଓଡିଶା ଛୁଇଁଲା ମୌସୁମୀ, ଦକ୍ଷିଣ ଓଡିଶାରେ ବର୍ଷା ଆରମ୍ଭ

ଭୁବନେଶ୍ୱର: ଓଡ଼ିଶା ଛୁଇଁଛି ମୌସୁମୀ । ଆକଳନର ୪ ଦିନ ପୂର୍ବରୁ ଦକ୍ଷିଣ ଓଡ଼ିଶା ଛୁଇଁଛି ମୌସୁମୀ । ଆଜି ମାଲକାନଗିରିର ଅଧିକାଂଶ ଅଞ୍ଚଳରେ ମୌସୁମୀ ସକ୍ରିୟ ଥିବା ଜଣାପଡିଛି । ପର୍ଯ୍ୟାୟକ୍ରମେ ଅନ୍ୟ ଅଞ୍ଚଳରେ ମୌସୁମୀ ସକ୍ରିୟ ହେବ ।



ମୌସୁମୀ ବାୟୁ ପ୍ରଭାବରେ ଆଜି ମାଲକାନଗିରିରେ ଆରମ୍ଭ ହୋଇଛି ବର୍ଷା ।ମୌସୁମୀର ଆଗମନ ଫଳରେ ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ମିଳିବ । ଚଳିତ ବର୍ଷ ଦେଶରେ ଭଲ ମୌସୁମୀ ବର୍ଷା ହେବ ବୋଲି ମଧ୍ୟ ପାଣିପାଗ ବିଭାଗ ଆକଳନ କରିଛି ।

## ବରିଷ୍ଠ ନେତାମାନଙ୍କ ସମ୍ମତିରେ ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଲେ ନବୀନ: ମୂଳପୋଛ ହୋଇଯିବ କି ବିଜେଡି ?

ଭୁବନେଶ୍ୱର,୮।୬(ପି.ଏନ): ଦୀର୍ଘ ୨୭ବର୍ଷର ସଫଳ ଆଂଚଳିକ ଦଳ ତଥା ୨୪ବର୍ଷର ସରକାରକୁ ନିଜର ଭୁଲ୍ ରଣନୀତି ଓ ଆମ୍ବଡିମା ଯୋଗୁ ଧୂଳିସାତ୍ କରିଦେଇଥିବା ଭିକେ ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଚଳିତ ସାଧାରଣ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପାଇଁ ସିଧାସଳଖ ପାଣ୍ଡିଆନ ଏବଂ ତାଙ୍କ ଟିମକୁ ଦାୟୀ କରି ସେମାନଙ୍କୁ ଉଚିତ୍ ଶିକ୍ଷା ଦେବାକୁ ଦଳର ଯୁବ-ଛାତ୍ର କର୍ମକର୍ତ୍ତାମାନେ ଏବେ ଏକଜୁଟ୍ ହେବାରେ ଲାଗିଛନ୍ତି । ଆଉ ଦଳରେ ବ?ଥିବା ଏଭଳି ଆକ୍ରୋଶକୁ ଦେଖି ନବୀନ ଆଜି ଗଣମାଧ୍ୟମ ସମ୍ମୁଖକୁ ଆସି ପାଣ୍ଡିଆନଙ୍କୁ ସମାଲୋଚନା କରାଯିବାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ତେବେ ଦଳର ଏଭଳି ଶୋଚନୀୟ ପରାଜୟ କାହିଁକି ହେଲା, ସେ ନେଇ ମୁହଁ ଖୋଲିନାହାନ୍ତି ।ନବୀନ ଆଜି



ଜାତୀୟ ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ଓ ପିଟିଆଇକୁ ଡାକି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଓଡିଶାବାସୀ ଦୀର୍ଘବର୍ଷ ହେବ ତାଙ୍କୁ ଆଶୀର୍ବାଦ କରିଛନ୍ତି । ବାରମ୍ବାର ମୁଖ୍ୟମନ୍ତ୍ରୀ ବାଛିଥିବାରୁ ଧନ୍ୟବାଦ । ନିର୍ବାଚନରେ ହାରିବା ଓ ଜିତିବା ଲାଗି ରହେ । ସା?? ୪କୋଟି ଓଡିଶାବାସୀଙ୍କୁ ସବୁବେଳେ ପରିବାର ଭାବି ଆସିଛି । ଆଗକୁ ଯେଉଁଭଳି ସେବା କରିପାରିବି ତାହା ଜାରି ରଖିବି । ନବୀନ ଆହୁରି ମଧ୍ୟ କହିଛନ୍ତି ଯେ, ପାଣ୍ଡିଆନଙ୍କୁ ସମାଲୋଚନା କରାଯାଉଥିବା ମୋ' ନଜରକୁ ଆସିଛି । ପାଣ୍ଡିଆନଙ୍କୁ ସମାଲେଚନା କରିବା ଦୁର୍ଭାଗ୍ୟଜନକ । ପାଣ୍ଡିଆନଙ୍କୁ ତାଙ୍କର ସତ୍ୟନିଷ୍ଠା ଓ ସାଧୁତା ପାଇଁ ସର୍ବଦା ମନେ ରଖାଯିବ । ସେ ଅଫିସର ଭାବେ ୧୦ବର୍ଷ ଧରି ବହୁତ ଭଲ କାମ କରିଛନ୍ତି । ବାତ୍ୟା ଓ କୋଭିଡ୍ ପରିଚାଳନାରେ ତାଙ୍କର କାର୍ଯ୍ୟ ଭଲ ରହିଥିଲା । ସେ ଚାକିରିରୁ ଅବସର ନେଇ ବିଜେଡିରେ ଯୋଗ ଦେଇଥିଲେ । ସେ ଦଳର କୌଣସି ପଦପଦବୀରେ ନଥିଲେ କିମ୍ବା ନିର୍ବାଚନ ଲ?ିନାହାନ୍ତି । ପାଣ୍ଡିଆନ ମଧ୍ୟ ତାଙ୍କର ଉତ୍ତରାଧିକାରୀ ନୁହଁନ୍ତି ବୋଲି ନବୀନ ଆଜି ପୁଣିଥରେ ନିଜଆଡୁ ସ୍ପଷ୍ଟ କରିଛନ୍ତି ।ତେବେ ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟକୁ ନେଇ ଆଜି ପ୍ରଥମଥର ପାଇଁ ନବୀନ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି । ଆଜି ସକାଳେ ଦଳର ବରିଷ୍ଠ ନେତାମାନଙ୍କୁ ଭେଟିବା ପରେ ନବୀନଙ୍କ ଏହି ପ୍ରତିକ୍ରିୟା ଆସିଛି । ନବୀନ ନିବାସରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ସଂଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ପ୍ରତାପ ଦେବ, କଳିକେଶ ସିଂହଦେଓ, ପ୍ରଣବପ୍ରକାଶ ଦାସ ଓ ଭିକେ ପାଣ୍ଡିଆନଙ୍କ ବୈଠକ ପରେ ନବୀନ ଏହି ପ୍ରତିକ୍ରିୟା ଦେବା ଦଳର ଲକ୍ଷ ଲକ୍ଷ କର୍ମୀଙ୍କୁ ନିରାଶ କରିଥିବା ଜଣାପଡିଛି ।

## ବେଳେବେଳେ ସରକାର ଗୋଟିଏ ଦିନ ରହିଥାଏ: କାହିଁକି ଏମିତି କଥା କହିଲେ ମମତା ?

ଭୁବନେଶ୍ୱର,୮।୬(ପି.ଏନ): ପଶ୍ଚିମବଙ୍ଗରେ ବିଜେପି ବିରୋଧରେ ବଡ ବିଜୟ ହାସଲ କରିଥିବା ଟିଏମସି ମୁଖ୍ୟ ମମତା ବାନାର୍ଜୀ ଏବେ ବେଶ ଉତ୍ସାହିତ। ସେ ଆଜି କଥା ଛଳରେ ବିରୋଧୀ ମେଣ୍ଟ ଇଣ୍ଡିଆ ଯେକୌଣସି ମୁହୂର୍ତ୍ତରେ କେନ୍ଦ୍ରରେ ସରକାର ଗଠନ କରିପାରେ ବୋଲି ସଙ୍କ?ତ ଦେଇଛନ୍ତି। ଏଥି ସହ ବେଳେବେଳେ ସରକାର କେବଳ ଗୋଟିଏ ଦିନ ରହିବାର



ନଜିର ରହିଥିବା କଥା ବି କହିଛନ୍ତି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର ଗୋଟିଏ ଦିନ ପୂର୍ବରୁ ଆଜି ଦିଦି ବେଙ୍ଗଲରେ ଟିଏମସିର ସଂସଦୀୟ ଦଳ ବୈଠକର ଅଧ୍ୟକ୍ଷତା କରିଛନ୍ତି। ଏହାପରେ ସେ କହିଛନ୍ତି ଯେ ତାଙ୍କ ଦଳ ଶପଥ ପାଠ କାର୍ଯ୍ୟକ୍ରମରେ ସାମିଲ ହେବ ନାହିଁ। କାରଣ ବେଆଇନ ଓ ଅଗଣତାନ୍ତ୍ରିକ ଭାବେ ସରକାର ଗଠନ ହେଉଥିବା ଦିଦି ଦାବି କରିଛନ୍ତି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ୍ରୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁରଙ୍କ ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ସଂଗ୍ରାମୀ ସ୍ମୃତି ପୀଠ କୁହୁଡ଼ିଠାରେ ୯୨ ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଗତ ୨୧ ତାରିଖ ଦିନ ପାଳିତ ହୋଇଯାଇଛି। ଏହି ସମାରୋହରେ ସର୍ବପ୍ରଥମେ ପ୍ରତ୍ୟୁଷରୁ ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସଂଗ୍ରାମୀ ସ୍ମୃତିଶୀଳାଠାରୁ କୁହୁଡ଼ି ପର୍ଯ୍ୟନ୍ତ ଜାତୀୟ ସଂହତି ଓ ଏକତା ପଦଯାତ୍ରା ଆସିବା ପରେ କୁହୁଡ଼ି ସଂଗ୍ରାମୀ ପୀଠଠାରେ ଥିବା ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟାର୍ପଣ କରାଯାଇ ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଂହତି ଶପଥପାଠ କରାଯାଇଥିଲା। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ସୋମନାଥ ପାତ୍ରଙ୍କ ସଭାପତିତ୍ୱ ଓ ସଂଗ୍ରାମୀ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଏହି ସ୍ମୃତି ଚାରଣ ସଭାରେ ଓଡ଼ିଶାର ବରେଣ୍ୟ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ୍ ଭର୍ଚ୍ଚୁଆଲ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସ୍ମୃତି ଚାରଣ କରିବା ସହ ଲବଣ ସତ୍ୟାଗ୍ରହ ଇତିହାସରେ ସଂଗ୍ରାମୀମାନଙ୍କର ଭୂମିକା ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଦ୍ୟାଳୟ ଓ ଗଣ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାସ, ବିଶିଷ୍ଟ ଶିକ୍ଷାବିତ୍ ତଥା ମାନ୍ୟବର ସାଂସଦ ପ୍ରଫେସର ଅଚ୍ୟୁତ ସାମନ୍ତ ଓ ସୂଚନା ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀଙ୍କ ପ୍ରେରିତ ବାର୍ତ୍ତା ପଠନ କରାଯାଇଥିଲା। ଗାନ୍ଧୀ ବିଚାରକ ତଥା ଲେଖକ, ସୁସାହିତ୍ୟିକ ଶ୍ରୀଯୁକ୍ତ ଦାଶ ବେନହୁର୍ ଓ ଶ୍ରୀଯୁକ୍ତ ପ୍ରହଲ୍ଲାଦ ସିଂହ ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଲବଣ ସତ୍ୟାଗ୍ରହ ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀଯୁକ୍ତ ତୁଷାରକାନ୍ତୀ ବେହେରା, ଜଗତସିଂହପୁର ଲୋକସଭା ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ରବି ମଲ୍ଲିକ, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଆରତୀ ନାୟକ, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ସମାଜସେବୀ ତଥା ଅସ୍ତରଙ୍ଗର ଯୁବନେତା ଦିବାକର ଛାଟୋଇ, କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ଅସ୍ତରଙ୍ଗ ତହସିଲଦାର ଶ୍ରୀମତୀ ରାଜଲକ୍ଷ୍ମୀ ନାୟକ, ସ୍ମୃତି କମିଟିର ସାଧାରଣ ସମ୍ପାଦକ ନିରଦ ବରଣ ମହାନ୍ତି, ପ୍ରମୁଖ ସ୍ମୃତି ଚାରଣ ସଭାରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ କୁହୁଡ଼ି ଲବଣ ସତ୍ୟାଗ୍ରହ ଇତିହାସର ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି କମିଟିର ମୁଖ୍ୟ ସଂଯୋଜକ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ, ଉପଦେଷ୍ଟା ଗୋଲକ ଚରଣ ମହାନ୍ତି, ପ୍ରମୋଦ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସ୍ମୃତି କମିଟିର ସଦସ୍ୟ ତଥା ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ କର, ରବିନ୍ଦ୍ର କୁମାର ମହାନ୍ତି, ସତ୍ୟବ୍ରତ ଲେଙ୍କା, କ୍ଷୀରୋଦ ମହାନ୍ତି, ହୃଷିକେଶ ରାଉତ, ମହେଶ୍ୱର ନାୟକ, ଭୋଳାନାଥ ସ୍ୱାଇଁ, ସ୍ଥାନୀୟ ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ, ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ନାଏବ ସରପଞ୍ଚ ଅର୍ଜୁନ ମଲ୍ଲିକ, ପବିତ୍ର ସ୍ୱାଇଁ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ କୁହୁଡ଼ି ଗ୍ରାମବାସୀବୃନ୍ଦ ଉପସ୍ଥିତ ରହି ସଭାକାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀ ନାରାୟଣ ରଥ, ଅନାଥ ବନ୍ଧୁ ମୁଦୁଲି ଓ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ଓଡ଼ିଶାର ଆଞ୍ଚଳିକ କେନ୍ଦ୍ରଦ୍ୱାରା ଦେଶାତ୍ମବୋଧକ ଭଜନ, ବନ୍ଦେ ମା ତରମ୍ ଓ ରାମଧୂନ୍ ପରିବେଷଣ କରାଯାଇଥିଲା। ଏହି ଅବସରରେ ସଂଗ୍ରାମୀ ସ୍ମୃତି କମିଟି ତରଫରୁ ୬ଜଣ ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀଙ୍କ ସୁଯୋଗ୍ୟ ଦାୟାଦମାନଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ପରିଶେଷରେ ସ୍ମୃତି କମିଟି ପକ୍ଷରୁ କୁହୁଡ଼ି ଲବଣ ସତ୍ୟାଗ୍ରହ ପୀଠର ସାମଗ୍ରୀକ ବିକାଶ ପାଇଁ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଶ୍ରୀ ଅମିୟ କୁମାର ପଟ୍ଟନାୟକ ଓଡ଼ିଶା ସରକାରଙ୍କ ସୁବିଚାର ପାଇଁ ୧୩ ଦଫା ସମ୍ବଳିତ ଏକ ଦାବୀପତ୍ର ସଭାମଞ୍ଚରେ ପଠନ କରିଥିଲେ।

# ଶଙ୍ଖଚିଲା ମା' ହିଙ୍ଗୁଳାଙ୍କ ଯଜ୍ଞ ଭସ୍ମ ବିସର୍ଜନ



ଯାଜପୁର (ପିଏନ୍): କୋରେଇ ବ୍ଲକ ଶଙ୍ଖଚିଲା ଗ୍ରାମର ମା' ହିଙ୍ଗୁଳା ଦେବୀଙ୍କ ୯୧ତମ ବାର୍ଷିକ ଯଜ୍ଞ ଉତ୍ସବ ଗତ ମାସ ୧୫ ତାରିଖରୁ ଆରମ୍ଭ ହୋଇ ୧୮ ରିଖରେ ପୂର୍ଣ୍ଣାହୂତି କରାଯାଇଥିଲା। ଗତ ମାସ ୨୩ ତାରିଖ ଶନିବାର ଯଜ୍ଞ ଭସ୍ମ ଦେବୀ ପୀଠ ଶଙ୍ଖଚିଲାରୁ ନାମ ସଂକୀର୍ତ୍ତନ, ଲହୁଡ଼ି ଖେଳ, ତେଲିଙ୍ଗି ବାଜା ସହିତ ଶହ ଶହ ନରନାରୀ ହରିବୋଲ ହୁଳ ହୁଳି, ଶଙ୍ଖ ଧ୍ୱନୀ ସହିତ ଏକ ଶୋଭାଯାତ୍ରାରେ ଗାନ୍ଧିଛକ, ହାବେଳି ବଜାର, ଦେବୀଗଡ଼ା ଘାଟ ଦେଇ ଦଶାଶ୍ୱମେଧ ପବିତ୍ର ଘାଟରେ ମୁଖ୍ୟ ପୂଜକ ଶ୍ରୀ ରବିନ୍ଦ୍ର କୁମାର ହୋତା ପ୍ରମୁଖ ପୂଜା ଅର୍ଚ୍ଚନା କରିବା ପରେ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା। ରାସ୍ତାରେ ଗଲା ବେଳେ ବହୁ ଶ୍ରଦ୍ଧାଳୁ ଶୋଭାଯାତ୍ରୀ କାରୀଙ୍କୁ ପାନୀୟ ସେବା ପ୍ରଦାନ କରିଥିଲେ। ବିସର୍ଜନ ପରେ ସମସ୍ତ ଭକ୍ତ ମା'ବିରଜା ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଶ୍ରୀ ବିରଜା ମଣ୍ଡଳ ତୈକ ବୈଶ୍ୟ ମହାସଭାର ସଭାପତି ପାଣ୍ଡବ ସାହୁ ଗାନ୍ଧୀ ଛକରେ ତାଙ୍କୁ ସ୍ୱାଗତ କରିବା ସହିତ ବିରଜାଙ୍କ ଦର୍ଶନ ପରେ ସମସ୍ତ ଭକ୍ତଙ୍କୁ ଥାଣ୍ଡା ପାନୀୟ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ କୃଷ୍ଣ ଚନ୍ଦ୍ର ସାହୁ (ବାବୁଲି), ଅନନ୍ତ ଚରଣ ମଲ୍ଲିକ, ବଳରାମ ସାହୁ, ବାଇଧର ନାୟକ, ଦଶରଥ ନାୟକ, ବିମ୍ବାଧର ସାହୁ, ପ୍ରଦ୍ୟୁମ୍ନ ସାହୁ, କୃଷ୍ଣଚନ୍ଦ୍ର ମହାକୁଳ ତତ୍‌ସହିତ କମିଟିର ସଭ୍ୟସଭ୍ୟାବୃନ୍ଦ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଯାଜପୁର ଇସ୍କନ ମନ୍ଦିର ଆନୁକୂଲ୍ୟରେ ନଗର ଭ୍ରମଣ

ଯାଜପୁର (ପିଏନ୍): ଯାଜପୁର ସହର ଲାଖବିନ୍ଧ ସ୍ଥିତ ଇସ୍କନ ମନ୍ଦିରର ମୁଖ୍ୟ ପରିଚାଳକ ହରିଭୂଷଣ ଦାଶଙ୍କ ତତ୍ତ୍ୱାବଧାନରେ ବାହାରି ଶ୍ରୀ ପ୍ରଭୁପାଦଙ୍କ ସ୍ମରଣ ତଥା ୟୁକ୍ରେନ ଯୁଦ୍ଧ ଓ କରୋନା ଦେଶରୁ ଅପସରିଯିବା ନିମନ୍ତେ ସହର ପରିକ୍ରମା କରିଥିଲେ। ବହୁ ଶ୍ରଦ୍ଧାଳୁ ଭକ୍ତ ଓ ନରନାରୀ ଯୋଗଦେଇ ହରିବୋଲ, ହୁଳହୁଳି ଓ ଶଙ୍ଖର ପ୍ରତିଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଉକ୍ତ ନଗର କିର୍ତ୍ତନ ଲାଖ ବିନ୍ଧା ଇସ୍କନ ମନ୍ଦିରରୁ ବାହାରି ମା'ବିରଜା ମନ୍ଦିର, ଅଠରନଳା, ଗରିଆପୁର, ମାର୍କେଟ ଛକ ଦେଇ ବରାହ ମନ୍ଦିରରେ ପହଞ୍ଚିଥିଲା। ରାସ୍ତାରେ ପରିକ୍ରମା କଲା ବେଳେ ବହୁ ଶ୍ରଦ୍ଧାଳୁ ଇସ୍କର ଶୋଭାଯାତ୍ରୀ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଥଣ୍ଡା ପାନୀୟ ପ୍ରଦାନ କରିଥିଲେ। ଉକ୍ତ ସଂକୀର୍ତ୍ତନ ବରାହ ମନ୍ଦିରରେ ପହଞ୍ଚି ପରେ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପାଣ୍ଡବ ସାହୁ, ନରେଶ ଚନ୍ଦ୍ର ରାଉତ, ବିଶ୍ୱମୋହନ ପତି, ଭରତ ଚନ୍ଦ୍ର ସାହୁ, ସୁବୋଧ ଜେନା, ଶ୍ରୀଧର ଦାଶ, ବିଜୟ ନାୟକ, ଭଗବାନ ରଣା, ଜନାର୍ଦ୍ଦନ ନାୟକ, ଝରଣା ଦେହୁରୀ, ଉର୍ମିଳା ଧଳ, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ସଭ୍ୟସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଭାରତୀୟ ପୂର୍ବତନ ଜଓ୍ୱାନ ଗୁରୁତର ଅସୁସ୍ଥ, ଧର୍ମପତ୍ନୀ ଜନତାଙ୍କୁ କଲେ ମିନତି



ଗୋଳାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ବାଣକାଣ୍ଡ ଗ୍ରାମର ପୂର୍ବତନ ଯବାନ କ୍ଷୀରୋଦ କୁମାର ମିଶ୍ର ଏକ ସଡକ ଦୁର୍ଘଟଣାରେ ଗୁରୁତର ଅସୁସ୍ଥ ଥିବାରୁ ତାଙ୍କ ଧର୍ମପତ୍ନୀ ସ୍ୱାଗତିକା ମିଶ୍ର ପ୍ରତ୍ୟେକ ନାଗରିକଙ୍କୁ ଆକୁଳ ନିବେଦନ କରିଛନ୍ତି ସାହାଯ୍ୟ ଓ ପ୍ରାର୍ଥନା କରିବା ପାଇଁ। ସେ କହିଛନ୍ତି ଭଗବାନ କାହାରି ଜଣକ ଡାକ ଶୁଣି ହେଲେ ତାଙ୍କ ସ୍ୱାମୀଙ୍କୁ ବଞ୍ଚାଇ ଦେବେ। ସୂଚନା ଅନୁସାରେ ଗତ ମାସ ୫ ତାରିଖରେ ଘଟଗାଁରୁ କେନ୍ଦୁଝର ଯାଉଥିଲେ କ୍ଷୀରୋଦ। ରାସ୍ତାରେ ଏକ ଫୋନ୍ କଲ ଆସିବାରୁ ରାସ୍ତାକଡରେ ଗାଡି ଛିଡା କରି ଫୋନ୍‌ରେ କଥା ହେଉଥିଲେ। ସେହି ସମୟରେ ଏକ ମଦ୍ୟପ ଟ୍ରକ୍ ଡ୍ରାଇଭର କ୍ଷୀରୋଦଙ୍କୁ ବାଡେଇ ଦେଇଥିଲା। ସେହିଦିନଠାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କ୍ଷୀରୋଦ ଚିକିତ୍ସିତ ହେଉଛନ୍ତି। ସେ ଆର୍ମିରେ ୧୦ ବର୍ଷ ଚାକିରୀ କରିଥିବା ବେଳେ ଦେହ ଅସୁସ୍ଥତା କାରଣରୁ ଚାକିରୀ ଛାଡିଦେଇଥିଲେ। ତେଣୁ ସେ ଏବେ ପେନସନ୍ ମଧ୍ୟ ପାଉନାହାଁନ୍ତି। ପାଖାପାଖି ଏକମାସ ଆଇସିୟୁରେ ରହିବାରୁ ଏବଂ ଅର୍ଥ ଅଭାବରୁ ତାଙ୍କ ପତ୍ନୀ ଅସହାୟ ହୋଇପଡିଛନ୍ତି। ତେଣୁ ସେ ପ୍ରତ୍ୟେକ ନାଗରିକଙ୍କୁ ନିବେଦନ କରିଛନ୍ତି ଯେ ସମସ୍ତେ ଭଗବାନଙ୍କ ନିକଟରେ ତାଙ୍କ ସ୍ୱାମୀଙ୍କ ଆରୋଗ୍ୟ ନିମନ୍ତେ ପ୍ରାର୍ଥନା କରିବାକୁ ଏବଂ ସକ୍ଷମ ଅନୁସାରେ କିଛି ଆର୍ଥିକ ସାହାଯ୍ୟ କରିବାକୁ। କ୍ଷୀରୋଦ ମିଶ୍ରଙ୍କ ଫୋନ୍ ପେ ନଂ ୯୦୭୮୨୭୯୪୪୧ରେ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଳବୀ: ନୀଳମଣି ରାଉତରାୟ



ପରାଧିନତାର କଳାବାଦଲ ପବିତ୍ର ଭାରତମାତାକୁ କରାୟତ କରିଥାଏ। ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ। ପିଡିତ, ଲାଂଛିତ, ନିଷ୍କେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ। ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱଳିତ। ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ । ଏହିପରି ଏକ ମୂହୁର୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି। ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଡ଼ହେଲେ। ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ୍ୟ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ। ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ। ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ। ୧୯୩୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ। ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା। ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ। ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ। ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ। ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା। ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ। ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ। ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ। ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ । ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ। ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ। ଗିରଫ ଛାତ୍ରଙ୍କ ମଧ୍ୟରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ। ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ। ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ। ୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବଁଚିବାର ସୁଯୋଗ। ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେକଲେ। ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା। ଭଦ୍ରକ ହାଇସ୍କୁଲକୁ ଲାଗି ଦେୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା। ଚାରିଆଡେ ଚହଳ ପଡିଗଲା। ଟିକି ବିପ୍ଳବୀ ନୀଳମଣିର ଏ କାମ। ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା। ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍‌ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ୍ ହଷ୍ଟେଲରେ ରହି ପାଠପଢ଼ିଲେ। ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍‌ସା କଲେଜର ଅଧ୍ୟକ୍ଷ। ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତାମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ। ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧ୍ୟକ୍ଷ ନହୋଇ ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ହେବା ଉଚିତ୍। ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧ୍ୟମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ। ମନମୋହନ ମିଶ୍ର ରେଭେନ୍‌ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ। ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ। ଗୋରା ଅଧ୍ୟକ୍ଷଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ।

ସେ ସମୟରେ ଆଇନ କଲେଜ ରେଭେନ୍‌ସା କଲେଜରେ ଚାଲୁଥିଲା। ଆଇନ କଲେଜର ଅଧ୍ୟକ୍ଷ ଜେ.ଏନ୍. ବାନାର୍ଜୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ଅଧିକାର ପଦ ମର୍ଯ୍ୟାଦା ସଂପର୍କରେ ସରକାରକୁ ଜଣାଇଲେ। ସରକାର ଗ୍ରହଣ ନକରିବାରୁ ବାନାର୍ଜୀ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଦେଲେ। ବାନାର୍ଜୀଙ୍କୁ ସମର୍ଥନ କରି ଛାତ୍ରସଂଘ ଧର୍ମଘର ଆରମ୍ଭ କଲେ। ଏହି ଧର୍ମଘଟର ନେତୃତ୍ୱ ନୀଳମଣି ନିଜେ ନେଇ ଆଇନ କଲେଜ ଅଧ୍ୟକ୍ଷଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାପାଇଁ ଦାବି କରିଥିଲେ। ହରେକୃଷ୍ଣ ମହତାବଙ୍କ ମଧ୍ୟସ୍ଥତାରେ ଛାତ୍ର ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହ ଆଲୋଚନା କରି ବିଫଳ ହେଲେ। ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ଛାତ୍ରସଂଘର ମିଳିତ ଧର୍ମଘଟ ଅନ୍ୟ କଲେଜକୁ ବ୍ୟାପିଲା। ଛାତ୍ରମାନଙ୍କ ଉପରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଛାତ୍ରମାନଙ୍କୁ ଜେଲରୁ ଖଲାସ ଓ ସେମାନଙ୍କ ବିରୁଦ୍ଧରେ ଥିବା ମୋକଦ୍ଦମା ନ ଉଠାଇବା ପର୍ଯ୍ୟନ୍ତ ଧର୍ମଘଟ ଓ ଆନ୍ଦୋଳନ ଚାଲୁ ରହିଲା। ଶେଷରେ ସରକାର ଛାତ୍ରମାନଙ୍କ ଦାବିଗୁଡିକୁ ଗ୍ରହଣ କଲାପରେ ଆନ୍ଦୋଳନ ବନ୍ଦ ହୋଇଥିଲା। ନୀଳମଣି ଛାତ୍ର ଆନ୍ଦୋଳନରେ ବହୁବାର ଜେଲ ଯାଇଥିଲେ।

୧୯୪୦ ମସିହା ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବା ପାଇଁ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥିର ହୋଇଥିଲା। ଏହି ସ୍ୱାଧୀନତା ଦିବସ ପାଳନ ପାଇଁ ଅଧ୍ୟକ୍ଷ ଡଃ. ପ୍ରାଣକୃଷ୍ଣ ପରିଜା ଅନୁମତି ଦେଇନଥିଲେ। ଛାତ୍ରନେତା ନୀଳମଣି ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସହିତ ଅନ୍ୟ ଛାତ୍ରମାନେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କଲେ। ସଭାପତି ଭାବେ ନୀଳମଣି ଜାତୀୟ ପତାକା ଉତୋଳନ କଲେ। ନୀଳମଣି ଭାରତମାତାଙ୍କୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ଆହ୍ୱାନ କରିଥିଲେ। ଏହାପରେ ଛାତ୍ରମାନଙ୍କ ଉପରେ ପୋଲିସ୍‌ର ଦମନ ଲୀଳା ଆରମ୍ଭ ହୋଇଗଲା। ବହୁ ଛାତ୍ର ଗିରଫ ହେଲେ। ନୀଳମଣି ଓ ବିବୁଧେନ୍ଦ୍ର ଉପରେ ୨୫ ଟଙ୍କା ଲେଖାଁଏ ଜୋରିମାନା ଓ କ୍ଷମା ପ୍ରାର୍ଥନା କରିବାକୁ ଅଧ୍ୟକ୍ଷ ପରୱାନ ଜାରି କଲେ। ଛାତ୍ରସଂଘ ଅନ୍ୟାୟ ଆଦେଶର ପ୍ରତିବାଦ କରି ଆନ୍ଦୋଳନ କରିବା ଓ ପରୀକ୍ଷା ବର୍ଜନ କରିବା ପାଇଁ ନିଷ୍ପତି ନେଲା। ରେଭେନ୍‌ସା କଲେଜ ପୋଲିସ୍ ଛାଉଣୀରେ ପରିଣତ ହେଲା। ବହୁ ଛାତ୍ର ଗିରଫ ହେଲେ। ଛାତ୍ରମାନେ ରାତିରେ ନିଜ ଜିନିଷପତ୍ର ମୁଣ୍ଡରେ ଧରି ଶୋଭାଯାତ୍ରା କରି ବାହାରି ଯିବା ସମୟରେ ପୋଲିସ୍ କଟକ ଜେଲଖାନା ନିକଟରେ ଛାତ୍ରମାନଙ୍କୁ ଗିରଫ କରିନେଲା। ନୀଳମଣି ଏକ ନାରୀ ବେଶରେ ପୋଲିସ୍‌କୁ ଚକ୍‌ମା ଦେଖାଇ ଖସିଗଲେ। ପରେ ନୀଳମଣି ଓ ବିଜୟ ଚନ୍ଦ୍ର ଦାସ ଗିରଫ ହୋଇ ଦଶ ଦିନ ଜେଲ୍‌ରେ ରହିଲେ। କେତେକ ବିଶିଷ୍ଟ ବ୍ୟକ୍ତି ସେମାନଙ୍କୁ ଜାମିନ୍‌ରେ ଆଣିଥିଲେ।

ନୀଳମଣି ରେଭେନ୍‌ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ। ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ। ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫରୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ। ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ। ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ। ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧ୍ୟକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ। ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ। ରାଜନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ୍ୟ ତାଙ୍କର ସୁସମ୍ପର୍କ ଥିଲା।

୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ। ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା। ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ। ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ। ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା। ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା। ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ। ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ। ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ। ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ। ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ। କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ। ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ- ବାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା। ନୀଳମଣି ଡହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ। ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ। କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ। ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା। ସେ ଅସୁସ୍ଥ ହୋଇପଡିଲେ। ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ। ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ। ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା। ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ। ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍। ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଳଯୋଗେ କଲିକତା ଚାଲିଗଲେ। ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ। ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ। ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ। ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା। ସେ ଜଣେ ଟ୍ରଷ୍ଟି ରହିଲେ। ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ। ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ। ନଳିନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା। ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା। ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା। ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ। ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ। ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା। ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ। କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ। ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ। ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ। ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ। ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ। ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ। କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା। ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା। ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ। ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ। ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ। ସେ ବିଧାୟକରୁ ସାଂସଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ। ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ। ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ। ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲୀଳା ସମ୍ବରଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜୁନ୍ ୯

# ପପକର୍ନ ବ୍ରେନ


ଡାକ୍ତର ସମ୍ରାଟ କର

ମୋ କ୍ଲିନିକର ତଳ ମହଲାରେ ସହାୟକ ଭାବେ ସୁଜିତ କାର୍ଯ୍ୟ କରେ। ତେବେ ସେ ସେଦିନ ତାର ଜଣେ ବନ୍ଧୁଙ୍କ ବିଷୟରେ ଭାରି ବ୍ୟସ୍ତ ହୋଇ ମୋ ପାଖରେ ଉଦାସ କଣ୍ଠରେ କିଛି କଥା ରଖିଲା। ତାର କଥାନୁଯାୟୀ ତା ବନ୍ଧୁ ଦେବରାଜ ଜଣେ ଉଦ୍ୟୋଗୀ ଭାବେ ବେଶ ପ୍ରତିଷ୍ଠିତ କିନ୍ତୁ ବିଚିତ୍ର କଥା ହେଉଛି ସେ ଏପରିକି ତା କର୍ମକ୍ଷେତ୍ରରେ ସିଟରେ ବସିଥିବା ସମୟରେ ଟିଭି ଦେଖିବା ସମୟରେ ଲଗାତାର ଚ୍ୟାନେଲ ବଦଳାଇ ଚାଲୁଛି। ତାର ଏକାଗ୍ରତା ଆଦୌ ରହୁନାହିଁ ଏବଂ ସେ ଏକ ଅସ୍ଥିର ଭାବରେ କେଉଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଭିତରେ ନିଜକୁ ବ୍ୟସ୍ତ ନ ରଖି ଲଗାତାର ଏହିପରି ଅସ୍ୱସ୍ତିକର ଆଚରଣ ପ୍ରଦର୍ଶନ କରୁଛି। କେବଳ ସେତିକି ନୁହେଁ ମୋବାଇଲ ଦେଖିବା ସମୟରେ ମଧ୍ୟ ଗୋଟିଏ ପେଜରେ ଧ୍ୟାନ କେନ୍ଦ୍ରିତ କରିପାରୁନାହିଁ। ସେ ମୋ ଠାରୁ ପରାମର୍ଶ ବୁଝିବା ପାଇଁ କହିଲା ଯେ ସାର ସେ ପାଗଳ ହୋଇଯାଇ ନାହିଁତ ? ମୁଁ ତା'କଥା ଶୁଣି ହସିଲି ଏବଂ ତାକୁ ବୁଝାଇ କହିଲି ଯଦି ତୁମ ମସ୍ତିଷ୍କ ପିଲାଙ୍କ ପରି ବାରମ୍ବାର ଅନ୍ୟ ଜିନିଷ ଆଡ଼କୁ ଚାଲିଯାଉଥାଏ ଏବଂ ଆପଣ କୌଣସି ଗୋଟିଏ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ ହୋଇପାରୁନଥାଏ ତେବେ ତୁମେ ପପକର୍ନ ବ୍ରେନରେ ପୀଡ଼ିତ। ଏବେ ସାରା ବିଶ୍ୱରେ ପପକର୍ନ ବ୍ରେନ ସସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ପପକର୍ନ ବ୍ରେନ ଏକ ପ୍ରକାର ସିଣ୍ଡ୍ରୋମ। ଯେଉଁଥିରେ ମସ୍ତିଷ୍କ ପ୍ରତି ସେକେଣ୍ଡରେ ପରିବର୍ତ୍ତନ ହୋଇଥାଏ। ଗୋଟିଏ ଜିନିଷରେ ଧ୍ୟାନ ରହେ ନାହିଁ। ଡେଇଁ ଡେଇଁ ଗୋଟିଏରୁ ଆଉ ଗୋଟିଏ ଜିନିଷକୁ ଦେଖିବାକୁ ଚାଲିଯାଇଥାଏ ଠିକ ପପକର୍ନ ଫୁଟିବା ପରି। ସେଥିପାଇଁ ଏହାକୁ କୁହାଯାଉଛି ପପକର୍ନ ବ୍ରେନ। କୌଣସି କଥାବର୍ତ୍ତା ଏବଂ ଜିନିଷ ତାଙ୍କର ଉତ୍ସୁକତାକୁ ଶାନ୍ତ କରିପାରିନଥାଏ ଏବଂ ସେ କିଛି ନୂଆ ଦେଖିବା ଓ ଜାଣିବା ପାଇଁ ମନରେ ଚଞ୍ଚଳତା ଭରି ରଖିଥାନ୍ତି। ଏପରି ପରିସ୍ଥିତିରେ, ମନରେ ଧୈର୍ଯ୍ୟର ଅଭାବ ରହିଥାଏ ଏବଂ ମନ ଗୁରୁତ୍ୱପୂର୍ଣ୍ଣ ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ କରିପାରେ ନାହିଁ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଯେତେବେଳେ ଜଣେ ବ୍ୟକ୍ତିର ଧ୍ୟାନ ବ୍ୟବଧାନ କମିଯାଏ ସେତେବେଳେ ସେ ପପକର୍ନ ବ୍ରେନ ସିଣ୍ଡ୍ରୋମର ଶିକାର ହୋଇଥାନ୍ତି। ୨୦୦୪ ପର୍ଯ୍ୟନ୍ତ ଟିଭି ସ୍କ୍ରିନରେ କୌଣସି ଜିନିଷ ଦେଖିବା ଏବଂ ଚ୍ୟାନେଲ ବଦଳାଇବା ପାଇଁ ଲୋକମାନେ ଦେଢ଼ ମିନିଟ ଖର୍ଚ୍ଚ କରୁଥିଲେ। ୨୦୧୨ରେ ଏହି ବ୍ୟବଧାନ ଏକ ଚତୁର୍ଥାଂଶ ମିନିଟକୁ ହ୍ରାସ ପାଇଥିଲା। ବର୍ତ୍ତମାନ ଲୋକମାନେ ମୋବାଇଲ କିମ୍ବା ଟିଭି ପରଦାରେ ମାତ୍ର ୪୭ ସେକେଣ୍ଡ ରହିବାକୁ ସକ୍ଷମ ହେଉଛନ୍ତି। ଏହାର ଅର୍ଥ ହେଉଛି ୪୭ ସେକେଣ୍ଡ ପରେ ସେମାନଙ୍କ ମନ ଅନ୍ୟ କିଛି ଆଡ଼କୁ ଚାଲିଯାଉଛି। ଏହାର ଅର୍ଥ ହେଉଛି ସେମାନଙ୍କ ଧ୍ୟାନ ଏବଂ ଧୈର୍ଯ୍ୟ ହ୍ରାସ ପାଉଛି। ପପକର୍ନ ବ୍ରେନ କାରଣରୁ ଲୋକମାନଙ୍କ ଶିଖିବା, ମନେ ରଖିବା ଏବଂ ଅନୁଭବ କରିବା ପ୍ରବୃତ୍ତି ଗଭୀର ଭାବେ ପ୍ରଭାବିତ ହେଉଛି। ବିଶେଷଜ୍ଞମାନଙ୍କ ମତରେ ମାନସିକ କାର୍ଯ୍ୟକଳାପ ଯେମିତି ଖବରକାଗଜ ପଢ଼ିବା, ଲୋକଙ୍କ ସହିତ ମିଳାମିଶା, ମେଡ଼ିଟେସନ ଭଳି ଅଭ୍ୟାସ ଦ୍ୱାରା ପପକର୍ନ ବ୍ରେନକୁ ନିୟନ୍ତ୍ରଣ କରାଯାଇପାରିବ।

ଏହି ପପକନ ବ୍ରେନ ସିଣ୍ଡ୍ରୋମ ସେପରି ଏକ ବଡ଼ ମାନସିକ ରୋଗ ନୁହେଁ କିମ୍ବା ସମସ୍ୟା ମଧ୍ୟ ନୁହେଁ। କେବଳ ଜଣେ ଏହାକୁ ଚାହିଁଲେ ନିଜକୁ ନିୟନ୍ତ୍ରିତ ମଧ୍ୟ କରିପାରିବ ନାହିଁ। ଏ କ୍ଷେତ୍ରରେ ଅସ୍ଥିର ଚିତ୍ତ ଓ ବିବ୍ରତ ଆଚାରଣ ହିଁ ବଡ଼ ସମସ୍ୟା। ତେଣୁ ପୀଡ଼ିତ ଜଣଙ୍କ କେଉଁ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି ଏହାକୁ ଦୃଷ୍ଟିରେ ରଖି ତାଙ୍କ ପାଖଲୋକ ଏକ ଭଲ ରୁଟିନ ଅନ୍ତତଃ କିଛି ଦିନ ପାଇଁ ତିଆରି କରି ଦେଖନ୍ତୁ। ଏପରି ପୀଡ଼ିତ ଲୋକମାନଙ୍କୁ ବୁଝାଇବା ଭିତରେ କୌଣସି ଯୁକ୍ତିତର୍କ ମଧ୍ୟ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ସେମାନେ ଉତ୍ତେଜିତ ହୋଇ ବିରକ୍ତି ହୋଇପଡ଼ିବେ ଯାହାଦ୍ୱାରା ସେମାନଙ୍କ ଏହି ସିଣ୍ଡ୍ରୋମର ଉଗ୍ରତା ବଢ଼ିଯିବାର ସମ୍ଭାବନା ଥାଏ। ତେବେ ସମସ୍ୟା ବା କୌଣସି ଜଟିଳ ପରିସ୍ଥିତି ଅନୁଭବ କଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ଭୀମ ରୂପେ ଶ୍ରୀଲୋକନାଥ


ଅଲେଖ ଚନ୍ଦ୍ର ସାମଲ

ଶ୍ରୀଜଗନ୍ନାଥ ମନ୍ଦିରର ପଶ୍ଚିମରେ ପ୍ରାୟ ୨ କିଲୋମିଟର ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚପାଣ୍ଡବଙ୍କ ମଧ୍ୟରେ ରାମ ରୂପରେ କଳ୍ପିତ। ମନ୍ଦିରଟି ପ୍ରାୟ ୧୦ ଏକର ଜମି ପରିମିତ ସ୍ଥାନରେ ସୁଦୀର୍ଘ ପ୍ରାଚିର ଦ୍ୱାରା ପରିବେଷ୍ଟିତ। ବେଢ଼ା ସମ୍ମୁଖରେ ପାର୍ବତୀ ସାଗର ନାମକ ଜଳାଶୟ ରହିଛି। ଏହି ଜଳାଶୟର ପଉନ ସହିତ ମନ୍ଦିରର ଲିଙ୍ଗ ବିଜେ କରିଥିବା ଜଳ ପଉନ ସମାନ ରୁହେ। କଥିତ ଅଛି ତ୍ରେତୟା ଯୁଗରେ ଜନପଦୀୟ ଲୋକେ ଦେଇଥିବା ଏକ ଲାଉକୁ ଶ୍ରୀରାମଚନ୍ଦ୍ର ଏଠାରେ ଶିବ ଲିଙ୍ଗ ରୂପେ ପୂଜା କରିଥିଲେ। ପରବର୍ତ୍ତୀ କାଳରେ ଏହା ଲାଉକେଶ୍ୱର ରୂପେ ପୂଜିତ ହେଲେ। ଲାଉକେଶ୍ୱର ହିଁ ଜନମାନସରେ ଲୋକମାନଙ୍କ ନାଥ ଅର୍ଥାତ୍ ଲୋକନାଥ ମହାଦେବ ଭାବେ ପରିଚିତ ହୋଇଆସିଛନ୍ତି। ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବର୍ଷତମାମ୍ ଜଳମଗ୍ନ ହୋଇ ରହିଥାନ୍ତି। ଫାଲଗୁନ କୃଷ୍ଣ ଏକାଦଶୀ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ଏବେର ପରିଦୃଶ୍ୟମାନ ମନ୍ଦିର ଭୌମକର ବଂଶୀୟ ରାଜାମାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱ ଟ୍ରଷ୍ଟବୋର୍ଡ଼ ଉପରେ ନ୍ୟସ୍ତ ରହିଛି। ଏଠାରେ ପଣ୍ଡା ଓ ମହାପାତ୍ରମାନେ ସେବକ ଭାବେ କାମ କରୁଛନ୍ତି। ପଣ୍ଡା ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବାଟ ଲୋକନାଥ ଏବଂ ମହାପାତ୍ରମାନେ ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବିମଳାଙ୍କ ସେବା କରିଥାନ୍ତି। ଏମାନଙ୍କ ବ୍ୟତୀତ ମାଳି ସେବକ ମଧ୍ୟ ରହିଛନ୍ତି। ଶ୍ରୀଲୋକନାଥଙ୍କ ଉପରେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ସୁରକ୍ଷା ଦାୟିତ୍ୱ ରହିଛି। ଏଠାରେ ବଲ୍ଲଭ, ସକାଳଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ହୋଇଥାଏ। ବିଶେଷ ପର୍ବ ଭାବେ ଶମ୍ଭୁ ଏକାଦଶୀ ପାଳନ କରାଯାଏ। ସୋମବାର ଦିନ ଏକାଦଶୀ ପଡ଼ିଲେ ଶମ୍ଭୁ ଏକାଦଶୀ ହୁଏ। ଏହି ଦିନ ଶ୍ରୀମନ୍ଦିରରେ ସମନ୍ୱୟାତ୍ମକ ନୀତି ଅନୁଷ୍ଠିତ ହୁଏ। ଏହା କେବଳ ପୁରୀ ଜଗନ୍ନାଥ ଓ ଲୋକନାଥଙ୍କ ମଧ୍ୟରେ ସମାହିତ ହୁଏ। କିନ୍ତୁ ୧୯୮୪ ମସିହା ପରଠାରୁ ଏଠାରେ ଶମ୍ଭୁ ଏକାଦଶୀ ହୋଇପାରୁନାହିଁ। ସେହିପରି ଶିବ ଚତୁର୍ଦ୍ଦଶୀରେ ଲୋକନାଥ ମନ୍ଦିରରେ ସମନ୍ୱୟତ୍ମକ ନୀତି ହୋଇଥାଏ। ଏହା ହରିହର ପୂଜା ଭାବେ ବିଦିତ। ଶ୍ରୀଲୋକାନଥ ମଧ୍ୟ ପଞ୍ଚପାଣ୍ଡବ ଭାବେ ଚନ୍ଦନଯାତ୍ରାରେ ସମ୍ମିଳିତ ହୁଅନ୍ତି। ବୈଶାଖ ମାସର ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶାର ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତ ଏଠାରେ ପହଞ୍ଚି ନୂଆଧାନରେ ଚୁଡ଼ାଘଷା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପୀଠରେ ପ୍ରସିଦ୍ଧ ଜାଗରମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲି ଚାଲି କାଉଡିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।

*ପୂର୍ବତନ ଡିଏଫ୍ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୬୭୧୨୩*

# ବିଜେଡିର ଦୁର୍ଗ ପତନ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏହା ନିସନ୍ଦେହ ଯେ, ଓଡିଶାର ଉଭୟ ଲୋକସଭା, ବିଧାନସଭା ନିର୍ବାଚନ ଫଳାଫଳ କେବଳ ରାଜନୈତିକ ସମୀକ୍ଷାକଳ ବୁଦ୍ଧିଜୀବୀଙ୍କୁ ନୁହେଁ ରାଜନେତାମାନଙ୍କୁ ବିସ୍ମିତ କରିଦେଇଛି। କ୍ରମାଗତ ୨୪ବର୍ଷ ୩ ମାସ ଧରି ଓଡିଶାରେ କ୍ଷମତାରେ ରହିବା ପରେ ବିଦାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଶେଷରେ ବିଜେପି କ୍ଷମତା ଛଡାଇ ନେଇଛି। କହିବା ବାହୁଲ୍ୟ ଯେ, ବିଧାନସଭା ନିର୍ବାଚନରେ ବିଜେଡିର ସଫଳତା ଭୋଟ ହାର ଅଦୌ ନ୍ୟୁନ ନଥିଲା। ଦଳର ଭୋଟ ହାର ୪୦.୨୨ ପ୍ରତିଶତ ଥିବାବେଳେ ବିଜେପି ଭୋଟ ହାର ୪୦.୦୭ ପ୍ରତିଶତ ଠାରୁ ସାମନ୍ୟ ଆଗରେ ଥିଲା। କିନ୍ତୁ ବିଜେଡିକୁ ପଛରେ ପକାଇ ବିଜେପି ଅଧିକ ବିଧାନସଭା ଆସନ ଅର୍ଥାତ ୧୪୭ଟି ଆସନ ମଧ୍ୟରୁ ୭୮ଟିରେ ବିଜୟୀ ହୋଇ କ୍ଷମତା ଦଖଲ କରିଛି। ବିଜେଡି ମାତ୍ର ୫୧ଟି ଆସନରେ ସନ୍ତୁଷ୍ଟ ହୋଇ କ୍ଷମତାଚ୍ୟୁତ କରିଛି। କିନ୍ତୁ ଲୋକସଭା ନିର୍ବାଚନରେ ବିଜେଡିର ଭୋଟହାର ୨.୭୬ ପଏଂଟ ହ୍ରାସ ପାଇ ୩୭.୪୬ ପ୍ରତିଶତ ହୋଇଥିବାବେଳେ ବିଜେପିର ଭୋଟ ହାର ୫.୩୪ ପଏଂଟ ବୃଦ୍ଧି ୪୫.୪୧ ପ୍ରତିଶତ ହୋଇଛି। ଫଳସ୍ୱରୁପ ରାଜ୍ୟର ୨୧ଟି ଲୋକସଭା ଆସନ ମଧ୍ୟରୁ ୨୦ଟି ବିଜେପି ଅକ୍ତିଆର କରିଥିବାବେଳେ ବିଜେଡି ସମ୍ପୂର୍ଣ୍ଣ ମୂଳୋପୋଛ ହୋଇଯାଇଛି। କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇ ତାର ଦୁର୍ଗକୁ ସୁରକ୍ଷିତ ରଖିପାରିଛି। କହିବା ବାହୁଲ୍ୟ ଯେ, ମୋଦୀ ହାୱା ନଥିବା ସତ୍ତ୍ୱେ ବିଜେପି ଝଡ ସୃଷ୍ଟି କରି ବିଜେଡିର ୧୪ବର୍ଷର ଦୁର୍ଗକୁ ଧରାଶାୟୀ କରିଦେଇଛି। ଏଥିରେ କେହି ଦ୍ୱିମତ ହୋଇନାହାନ୍ତି, ନବୀନଙ୍କ ବିରୁଦ୍ଧରେ ରାଜ୍ୟରେ ସେପରି କୌଣସି ଜନମତ ସୃଷ୍ଟି ହୋଇନଥିଲା, ବରଂ ସେ ରାଜ୍ୟରେ ଏବେ ବି ସବୁଠୁ ଲୋକପ୍ରିୟ ଏବଂ ଅପ୍ରତିଦ୍ୱନ୍ଦୀ ନେତା ଭାବେ ଜନସାଧାରଣଙ୍କ ହୃଦୟରେ ରହିଛନ୍ତି। ୭୭ବର୍ଷ ବୟସ୍କ ନବୀନ ଦେଶରେ ସବୁଠୁ ଦ୍ୱିତୀୟ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ। ଓଡିଶାରେ ୪୦ବର୍ଷ କିମ୍ବା ଏହାଠାରୁ ବର୍ଷର ଯୁବକଯୁବତୀ ଦ୍ୱିତୀୟ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ବଂଚିତ ହୋଇଥିଲେ। ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଥିବା ସିକିମର ପୱନ ଚାମଲିଙ୍ଗ, ପଶ୍ଚିମବଙ୍ଗର ଜ୍ୟୋତିବସୁ, ତ୍ରିପୁରାରର ମଣିକ ସରକାରଙ୍କ ମଧ୍ୟରେ ଅନ୍ୟତମ। ପୂର୍ବରୁ ସେମାନେ ରାଜନୈତିକ ମହାକାଶରୁ ବିଦାୟ ନେଇଥିବା ଚଳିତ ନିର୍ବାଚନରେ ନବୀନଙ୍କ ବୟସ ଏକ ପ୍ରସଙ୍ଗ ଭାବେ ଉଭା ହୋଇଥିଲା। ତାଙ୍କର ରାଜନୈତିକ କ୍ୟାରିଅରର ସୂର୍ଯ୍ୟ ଏବେ ଅସ୍ତିମିତା ସମ୍ଭବତଃ ସେ ଆଉ ରାଜନୀତିରେ ପୁନଃ ସକ୍ରୀୟ ହେବା ଆଶା ଆଦୌ ନାହିଁ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ଲମ୍ବା ଶାସନ ଅବଧି ମଧ୍ୟରେ ନବୀନ ଏବଂ ବିଜେଡି ବିରୁଦ୍ଧରେ ସରକାର ବିରୋଧି ହାୱାରେ ସମ୍ମୁଖୀନ ହୋଇନଥିବା କୁହାଯାଇପାରିବ ନାହିଁ। ଏହା ନିଶ୍ଚିତ ଯେ, ଦୀର୍ଘ ଅବଧି ଶାସନ କାଳରେ ଓଡିଶା ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ପାଇଥିବା ବେଳେ ବହୁ ଜନହିତକର ଯୋଜନା ରାଜ୍ୟବାସୀଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିଛି। ଟଙ୍କିକିଆ ଚାଉଳ ଠାରୁ ଆରମ୍ଭ କରି ବିଜୁସ୍ୱାସ୍ଥ୍ୟ କାର୍ଡ ଯୋଜନା ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଁଚାଇଥିବା କେହି ଅସ୍ୱୀକାର କରିପାରିବେନାହିଁ। ରାଜ୍ୟରେ ଦାରିଦ୍ର୍ୟ ୨୦୦୪-୦୫ ରେ ୫୭.୬% ଥିବାବେଳେ ୨୦୧୧-୧୨ରେ ୩୨.୯ ପ୍ରତିଶତକୁ ଏବଂ ଏବେ ୧୦ପ୍ରତିଶତକୁ ହ୍ରାସ ପାଇଥିଲା। ସେହିପରି ମୋଟ ଘରୋଇ ଉତ୍ପାଦ ୨୦୧୪-୧୫ରେ ୫୪,୨୦୦ଥିବାବେଳେ, ୨୦୧୯-୨୦ରେ ତାହା ୭୮,୧୧୯କୁ ବୃଦ୍ଧି ପାଇଥିଲା। କିନ୍ତୁ ଦୀର୍ଘ ୨୪ବର୍ଷ ପରେ ଭୋଟଦାତା ଆହୁରି ଅଧିକ ବିଶେଷ କରି କର୍ମନିଯୁକ୍ତି ଚାହିଁଥିଲା। ବିଜେପି ଦାଦନ ପ୍ରସଙ୍ଗକୁ ନିର୍ବାଚନରେ ଏକ ଯୋରଦାର ପ୍ରସଙ୍ଗ ଭାବେ ନିର୍ବାଚନରେ ଛିଡା କରାଇବାକୁ ସମର୍ଥ ହୋଇଥିଲା। ଆହୁରି ମଧ୍ୟ ବିଜେପି ଅତ୍ୟନ୍ତ ସଫଳତାର ସହ କୌଣସି ରାଜନୈତିକ ଭିତିଭୂମି ନଥିବା ଓଡିଆ ଅସ୍ମିତା ପ୍ରସଙ୍ଗକୁ ଉଠାଇ ତାମିଲନାଡୁ ଜନ୍ମିତ ପ୍ରଶାସକରୁ ରାଜନେତା ବନିଥିବା ଭି.କେ. ପାଣ୍ଡିଆନଙ୍କ ଅଭ୍ୟୁଦୟକୁ ମୁଖ୍ୟ ଅସ୍ତ୍ର କରି ଭୋଟଦାତାଙ୍କ ମନରେ ନବୀନଙ୍କ ବିରୋଧି ହାୱା ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ଏବେ ବି ସାରା ରାଜ୍ୟରେ ନବୀନଙ୍କ ଦୁର୍ଗ ପତନ ପାଇଁ ପାଣ୍ଡିଆନ ଦାୟୀ ବୋଲି ଜନମତ ବଳବତର ରହିଛି। ପାଣ୍ଡିଆନଙ୍କୁ ନବୀନଙ୍କ ଗୁରୁତ୍ୱ ତାଙ୍କ ପାଇଁ କାଳ ହୋଇଥିବା ଏବେ ବି ଜନରବ ହେଉଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନ ଭଣ୍ଡାର ଚାବି ହଜିବା ଆଉ ଏକ ପ୍ରସଙ୍ଗକୁ ବିଜେପି ଏପରି ଢଙ୍ଗରେ ଉଠାଇ ଥିଲା ଯେ, ଯାହା ବିଜେଡିକୁ ଶକ୍ତ ଆଘାତ ଦେଇଥିଲା। ଆହୁରି ମଧ୍ୟ ନବୀନଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ମଧ୍ୟ ଖୋଦ ପ୍ରଧାନମନ୍ତ୍ରୀ ଉଠାଇଥିଲେ। କିନ୍ତୁ ଏହା ନିଶ୍ଚିତ ଯେ, ବିଜେପିର ଏହିସବୁ ପ୍ରସଙ୍ଗକୁ ବିଜେଡି ପ୍ରତିରୋଧ କରିବାରେ ବହୁ ବିଳମ୍ବ କରିଦେଇଥଲା ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ବିଜଡିର ପତନ ପାଇଁ ଏହାର କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ ପ୍ରତି ବହୁ କ୍ଷେତ୍ରରେ ଆଖିବୁଜା ନିସର୍ତ ସମର୍ଥନ ବା ବିଜେପି ପ୍ରତି ଢଳିବା ଆଭିମୁଖ୍ୟ ଦାୟୀ ବୋଲି କହିଲେ ହୁଏତ ଅତିରଂଜିତ ହେବନାହିଁ। ଅତୀତରେ ବିଜେପି ପ୍ରତି ଯେତେସବୁ ଦଳ ଢଳିଛନ୍ତି ବା ସମର୍ଥନ କରିଛନ୍ତି। ସେହି ସବୁକୁ ଦଳ ବୁଡିଯାଇଛି। ଏହାର ବହୁ ଜ୍ୱଳନ୍ତ ଉଦାହରଣ ରହିଛି। ମହାରାଷ୍ଟ୍ରରେ ଶିବସେନା, ହରିଆନାରେ ଲୋକଦଳ, ପଂଜାବରେ ଅକାଳୀଦଳ, ଆନ୍ଧ୍ରରେ ୱାଏସଆର କଂଗ୍ରେସ, ବିହାରରେ ଜେଡିୟୁ, ତେଲେଙ୍ଗାନାରେ ଭାରତ ରାଷ୍ଟ୍ର ସମିତି ଆଦି ଦଳର ପତନ ଘଟିଥିବାବେଳେ ବିଜେପିର ଅଭ୍ୟୁଦୟ ଘଟିଛି। ବିଜେଡି-ବିଜେପି ଏକ ଏବଂ ଅଭିନ୍ନ ବୋଲି କଂଗ୍ରେସର ପ୍ରଚାର ମଧ୍ୟ ଭୋଟଦାତାଙ୍କ ମଧ୍ୟରେ ସ୍ୱତନ୍ତ୍ର ଧାରଣା ସୃଷ୍ଟି କରିପାରିଥିବା ମନେହୁଏ। ଯାହାର ପ୍ରଭାବରେ ପ୍ରଚାର ଏବଂ ଅର୍ଥବଳ ବିନା କଂଗ୍ରେସ ୯ରୁ ୧୪କୁ ବଢିବା ସହ ନିଜର କ୍ଷୟପ୍ରାପ୍ତ ଭୋଟହାରକୁ ବୃଦ୍ଧି କରିବାରେ ସମର୍ଥ ହୋଇଛି। ଆହୁରି ମଧ୍ୟ କେନ୍ଦ୍ରରେ ବିଜେପି ସରକାରଙ୍କ ପ୍ରତି ବିଭିନ୍ନ କ୍ଷେତ୍ରରେ ବିଜେଡିର ବହୁ ନେତା ଓ କର୍ମୀ ବିଜେପିକୁ ଦଳବଦଳ କରିବା ବିଜେପିର ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥିବା ନିସନ୍ଦେହରେ କୁହାଯାଇପାରିବ । ବିଜେଡି ବର୍ତମାନଠାରୁ ତାର ଆଭିମୁଖ୍ୟ ପରିବର୍ତନ କରିବା ଜରୁରୀ। ଅନ୍ୟଥା ବୁଡିବା ସାର ହେବ।

ସମ୍ମାନ ଭବନ,ପ୍ଲଟ ନଂ-୫୮/
୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ପରିପାରିରେ କଣ୍ଢେଇ ମଣିଷ ମାଗୁଣି


ନାଟ୍ୟସାରଥି ଅଭୟ କୁମାର ଦାସ

ନିର୍ବାଚନର ଘମାସନ ଭିତରେ ଗଣମାଧ୍ୟମର ଉହାଡ଼ରେ ଓଡ଼ିଶାର କଳାକୃତୀ କ୍ଷେତ୍ରରେ ଜଣେ ଅନ୍ୟତମ ବିନ୍ଧାଣୀ ସାଧାରଣରେ କଣ୍ଢେଇ ମଣିଷ ଭାବେ ପରିଚିତ ପଦ୍ମଶ୍ରୀ ମାଗୁଣି କୁଅଁରଙ୍କ ପରଲୋକ ଖବରଟି। କେନ୍ଦୁଝରର ପୁରୁଣା ବଜାର ବାସଭବନରେ ଅଠାଅଶି ବୟସ ବର୍ଷରେ ତାଙ୍କର ପରଲୋକ ହୋଇଛି। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ସେହିପରି ଜଣେ ସାଧାରଣ ଲୋକଟି ଭାବେ ନିଜକୁ କେବଳ ବୁଝାଇନଥିଲେ ଅନ୍ୟ ମାନଙ୍କ ପାଖରେ ଗ୍ରହଣୀୟ ଥିଲେ। ତାଙ୍କ ସାଧାସିଧା, ସରଳ ଜୀବନ ଓ ବନ୍ଧୁ ବତ୍ସଳତା ଅତ୍ୟନ୍ତ ମୂଲ୍ୟବୋଧପୂର୍ଣ୍ଣ ଥିଲା। କେନ୍ଦୁଝର ସହରର ପୁରୁଣା ବଜାର ଅନ୍ତର୍ଗତ ବୈଦରାଜ ସାହିରେ ୧୯୩୬ ମସିହା ଫେବୃଆରୀ ୧୨ ତାରିଖରେ ମାଗୁଣି ଜନ୍ମ ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ନନ୍ଦୁ ନାଁରେ ବେଶ ପରିଚିତ ଥିଲେ। ୧୫ ବର୍ଷ ବୟସରୁ ଗୁରୁ ମକରଧ୍ୱଜ ବେହେରାଙ୍କ ଠାରୁ କଣ୍ଢେଇ ନୃତ୍ୟ କଳାକୁ ଶିଖି ତାକୁ ଆୟତ୍ତ କରିଥିଲେ। ଏହି କଳାକ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ପାଇଁ ସେ ରାଜ୍ୟ ତଥା ବାହାର ରାଜ୍ୟରୁ ସରକାରୀ ଓ ବେସରକାରୀ ସ୍ତରରେ ବହୁ ସମ୍ମାନ, ସ୍ୱୀକୃତି, ପୁରସ୍କାର ଓ ପ୍ରଶଂସା ସାଉଁଟିଛନ୍ତି। ସେଥି ମଧ୍ୟରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ୨୦୦୪ ପୁରସ୍କାର ଏବଂ ୨୦୨୩ ମସିହାରେ କେନ୍ଦ୍ର ବେସାମରିକ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ସମ୍ମାନ ଅନ୍ୟତମ। କଣ୍ଢେଇ ନୃତ୍ୟ ସହିତ ମୃଣ୍ମୟ ମୂର୍ତ୍ତି କାରିଗର ଭାବେ ମଧ୍ୟ ମାଗୁଣିଙ୍କ ସୁଖ୍ୟାତି ଥିଲା। ଜୀବନର ପ୍ରଥମ କର୍ମମୟ ସମୟରୁ ସେ ସଂଘର୍ଷକୁ ଭଲ ଭାବେ ଜାଣିଥିଲେ। ପିଲାବେଳେ ପାଠପଢ଼ା ସମୟରେ ତାଙ୍କୁ ଅନେକ ଘାତପ୍ରତିଘାତକୁ ମୁକାବିଲା କରିବାକୁ ପଡ଼ିଥିଲା। ସେ ସମୟରେ ଶିକ୍ଷା ତାଙ୍କ ପାଇଁ ଏକ ପ୍ରକାର ଅସହଜ ଓ ଅପହଞ୍ଚ ଥିଲା। ତଥାପି ସେ ନିଜକୁ ଆଗେଇ ପାରିଥିଲେ। ଆଉ ଅନ୍ୟ ମାନଙ୍କ ପାଇଁ ଆଦର୍ଶ ମଧ୍ୟ ପାଲଟିଥିଲେ। ତାଙ୍କ କଳାକୃତି ଜୀବନ ଭିତରେ ନୂଆ ପିଢ଼ିର କଳାକାର ମାନଙ୍କୁ ସହଯୋଗ ଓ ପୃଷ୍ଠପୋଷକତା ମଧ୍ୟ କରୁଥିଲେ। ତାଙ୍କରି ଶିକ୍ଷା ଓ ପ୍ରେରଣାରେ ତାଙ୍କର ଅନେକ ଶିଷ୍ୟ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ମଧ୍ୟ ପ୍ରତିଷ୍ଠା ଲାଭ କରିଛନ୍ତି। ଅନେକ ସଂଘର୍ଷ ଓ ସଂଗ୍ରାମ ଭିତରେ ସେ ଆଗେଇ ଚାଲିଥିଲେ। ତାଙ୍କର ସାମଗ୍ରିକ ଖୁସି ଭିତରେ ଅଜାଡ଼ି ହୋଇପଡ଼ିଥିଲା ଦୁଃଖର କଳାପାହାଡ଼। ପଦ୍ମଶ୍ରୀ ମିଳିବା ପୂର୍ବରୁ ପତ୍ନୀ ଓ ସାନପୁଅକୁ ହରାଇଥିଲେ। ପରବର୍ତ୍ତୀ ସମୟରେ ଚଳିତ ବର୍ଷ ପୁଅକୁ ହରାଇ ପରିଣତ ବୟସରେ ବେସାହାରା ହୋଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ବାରମ୍ବାର ଅସୁସ୍ଥ ହୋଇ ଶଯ୍ୟାଶାୟୀ ହେବା ସହିତ ଶେଷ ସମୟରେ ତାଙ୍କର ଅନେକ ଦିନ ଡାକ୍ତରଖାନାରେ କଟୁଥିଲା। ଗତ ଏପ୍ରିଲ ୨ରେ ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଓଡ଼ିଶାର ପାରମ୍ପାରିକ କଳା ଜଗତ ପାଇଁ ତାଙ୍କ ପରଲୋକ ଅପୂରଣୀୟ କ୍ଷତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଅମର ଆତ୍ମାର ସଦଗତି କରନ୍ତୁ ଏହା ହିଁ କାମନା।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ମୁଖିଆ ଖୋଜୁଛନ୍ତି ମୁଖିଆ ପାଇଁ


କିଶୋର ଚନ୍ଦ୍ର ବେହେରା

ସାଧାରଣ ନିର୍ବାଚନ ୨୦୨୪ ମହାପର୍ବର ଜନାଦେଶ ଜୁନ୍ ଚାରି ତାରିଖରେ ଘୋଷଣା ହୋଇ ସାରିଛି। ଓଡ଼ିଶା ବିଧାନସଭା ନିର୍ବାଚନ କ୍ଷେତ୍ରରେ ଜାତୀୟ ଦଳ ଭାରତୀୟ ଜନତା ପାର୍ଟି ଏକାକୀ ୭୮ଟି ଆସନ ଜିତି ସଂଖ୍ୟା ଗରିଷ୍ଠତା ହାସଲ କରିବା ସହିତ ରାଜ୍ୟରେ ପରବର୍ତ୍ତୀ ସରକାର ଗଠନ କରିବା ସ୍ପଷ୍ଟ ହୋଇଛି। ସରକାର ଗଢିବା ପାଇଁ ଜନାଦେଶ ମିଳିବା ପରେ ଭାରତୀୟ ଜନତା ପାର୍ଟିର କିଏ ହେବେ ମୁଖ୍ୟମନ୍ତ୍ରୀ ତାକୁ ନେଇ କଳ୍ପନାଜଳ୍ପନା ସହ ଅଙ୍କକଷା ଆରମ୍ଭ ହୋଇଯାଇଛି। କେବଳ ବିଜେପିରେ ନୁହେଁ ରାଜ୍ୟବାସୀ ମଧ୍ୟ ଦୀର୍ଘ ୨୫ବର୍ଷ ପରେ ଜାତୀୟ ଦଳର ଜଣେ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ଦଳ ନିର୍ବାଚନ ଲଢିଥିଲେ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ଓଡିଶାର ବିଧାନସଭା ଓ ଲୋକସଭା ଆସନ ଉପରେ ଅତ୍ୟନ୍ତ ଗୁରୁତ୍ୱ ଦେଇଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଗୃହମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ସଭାପତିଙ୍କ ସମେତ ଏକାଧିକ କେନ୍ଦ୍ରମନ୍ତ୍ରୀ ୪ଟି ରାଜ୍ୟର ବିଜେପି ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ କେନ୍ଦ୍ରୀୟ ନେତା ଘନ ଘନ ଓଡିଶା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ତୋଫାନୀ ଲାଗି ପ୍ରଚାର କରିଥିଲେ।

କେନ୍ଦ୍ରୀୟ ନେତାଙ୍କ ସୁଚିନ୍ତିତ ରଣନୀତି ଯୋଗୁଁ ଦଳ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ଆଶାଠାରୁ ଅଧିକ ସଫଳତା ପାଇଛି। ଦଳ ବିଧାନସଭାରେ ୭୮ ଓ ଲୋକସଭାରେ ୨୦ଟି ଆସନ ଅକ୍ତିଆର କରିଛି। ଦଳ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ପାଇବା ପରେ କିଏ ମୁଖ୍ୟମନ୍ତ୍ରୀ ହେବ ତାକୁ ନେଇ ଦଳୀୟ ନେତୃତ୍ୱଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ଓଡିଶା ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ଭୂପେନ୍ଦ୍ର ଯାଦବ ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତାଙ୍କ ସହିତ ଆଲୋଚ଼ନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୌଡରେ ଅନେକଙ୍କ ନାମ ଚ଼ର୍ଚ୍ଚା ହେଉଥିବା ବେଳେ ଦଳୀୟ ଶୀର୍ଷ ନେତୃତ୍ୱ ଯାହା ନାମରେ ମୋହର ମାରିବେ ତାକୁ ବିଧାୟକ ଦଳ ବୈଠକରେ ମୋହର ମରାଯିବ ଓ ସମସ୍ତ ବିଜୟୀ ପ୍ରାର୍ଥୀମାନେ ସମର୍ଥନ କରିବା ସୁନିଶ୍ଚିତ। ଅପରପକ୍ଷରେ ବିଜୁ ଜନତା ଦଳ ମୁଖ୍ୟ ବିରୋଧୀ ଦଳ ନେତା ଭୂମିକା ନିଭାଇବ , ଏହାକୁ ନେଇ ମଧ୍ୟ ବିଜେଡି ଶିବିରରେ ଅଙ୍କକଷା ଆରମ୍ଭ ହୋଇଗଲାଣି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର ଗଢ଼ିଲେ କିଏ ହେବ ମୁଖ୍ୟମନ୍ତ୍ରୀ ? କାହା ଉପରେ ଭରଷା କରିବ ଦଳ? କିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପସନ୍ଦ ? ତାହାକୁ ନେଇ ରାଜ୍ୟ ତଥା କେନ୍ଦ୍ର ବିଜେପି କାର୍ଯ୍ୟାଳୟରେ କଳ୍ପନାଜଳ୍ପନା ଲାଗିରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚ଼ନୀ ପ୍ରଚ଼ାର ପ୍ରସାର ସମୟରେ ଓଡ଼ିଶା ଗସ୍ତରେ ଆସି ପ୍ରତ୍ୟେକ ସାଧାରଣ ସଭା, ଜାତୀୟ ଗଣମାଧ୍ୟମ ଓ ଆଞ୍ଚଳିକ ଗଣମାଧ୍ୟମକୁ ବାରମ୍ବାର ନିଜର ନିଜର ମତବ୍ୟକ୍ତ କରି ସ୍ପଷ୍ଟ ଭାବରେ କହିଛନ୍ତି ଭାରତୀୟ ଜନତା ପାର୍ଟି ଯାହାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ଅଳଙ୍କୃତ କରିବ ସାଢେ ଚ଼ାରିକୋଟି ଓଡ଼ିଆଙ୍କ ସ୍ୱାଭିମାନ ଓ ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖି ଓଡ଼ିଶାରେ ଜନ୍ମିତ ଜଣେ ପୁଅ କିମ୍ବା ଝିଅକୁ ରାଜ୍ୟର ଦାୟିତ୍ୱ ଭାର ଅର୍ପଣ କରାଯିବ। ଏହାକୁ ବିଚ଼ାରକରି ଯଦି ପରିସଂଖ୍ୟାନ କରାଯାଏ ତେବେ ମୁଖ୍ୟମନ୍ତ୍ରୀ ଦୌଡରେ ଅନେକ ନେତାଙ୍କ ନାମ ସାମ୍ନାକୁ ଆସୁଛି। ସେମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଏହି ଦୌଡର ପ୍ରଥମରେ ରହିଛି। ସେ ସମ୍ବଲପୁର ଲୋକସଭା ଆସନରୁ ଲଢ଼ି ନିର୍ବାଚ଼ନ ମଧ୍ୟ ଜିତିଛନ୍ତି ଏବଂ ମୋଦଙ୍କ ସରକାରରେ ବିଭିନ୍ନ ବିଭାଗ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ରୂପେ ସୁଚ଼ାରୁରୂପେ କାର୍ଯ୍ୟ କରିଛନ୍ତି। ସେହିପରି କେନ୍ଦ୍ର ବିଜେପିର ଜଣେ ବଡ଼ ଚେହେରା ଭାବେ ସମ୍ବିତ୍? ପାତ୍ରଙ୍କ ଚେହେରା ମଧ୍ୟ ମୁଖ୍ୟମନ୍ତ୍ରୀ ଦୌଡର ଦ୍ୱିତୀୟ ସ୍ଥାନରେ ରହିଛି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭଗରେ ଦାୟିତ୍ୱ ତୁଲାଇବା ସହ ବିରୋଧୀଙ୍କୁ ବିଭିନ୍ନ ପ୍ରଶ୍ନବାଣରେ ଘାଇଲା କରିଥିବାର ନଜିର ରହିଅଛି ଏବଂ ଭାରତୀୟ ଜନତା ପାର୍ଟିର ମୁଖପାତ୍ର ମଧ୍ୟ ଅଛନ୍ତି। ସେ ପୁରୀରୁ ନିର୍ବାଚ଼ନ ଲଢ଼ି ବିଜୟ ହୋଇଛନ୍ତି। ଅନ୍ୟପଟେ ୨୦୨୪ ନିର୍ବାଚ଼ନର ଠିକ୍? ପୂର୍ବରୁ ଭାଜପା ଓଡ଼ିଶା ଭାଜପାର ଅଧକ୍ଷ ପରିବର୍ତ୍ତନ କରିଥିଲା। ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କୁ ଓଡ଼ିଶା ଭାଜପାର ଦାୟିତ୍ୱ ଦିଆଯାଇଥିଲା। ଯେହେତୁ ତାଙ୍କ ନେତୃତ୍ୱରେ ଭାଜପା ନିର୍ବାଚ଼ନ ଜିତୁଛି, ତେଣୁ ତାଙ୍କ ନାମ ମଧ୍ୟ ଆଗରେ ରହିଥିଲେ ମଧ୍ୟ ସେ ଚ଼ାନ୍ଦବାଲି ବିଧାନସଭା ନିର୍ବାଚ଼ନରେ ପରାଜୟର ବରଣ କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ବ୍ୟାମକେଶ ରାୟଙ୍କ ଠାରୁ । ସେହିପରି ଭାଜପାର ବରିଷ୍ଠ ନେତା ଜୟନାରାଣ ମିଶ୍ରଙ୍କ ନାମ ମଧ୍ୟ ଆଗକୁ ଆସୁଛି। ସେ ସମ୍ବଲପୁର ବିଧାନସଭା ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚ଼ିତ ହୋଇଛନ୍ତି। ଦଳ ମଧ୍ୟ ଅନେକ ନୂଆ ଚେହେରା ଖୋଜୁଥିବାର ଆଲୋଚ଼ନା କରାଯାଇଥିବା ବେଳେ ଯୁବ ଗୋଷ୍ଠୀ ଏବଂ କିଛି ଅଭିଜ୍ଞ ଚେହେରା ସଂପର୍କରେ ମଧ୍ୟ ଆଲୋଚ଼ନା ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବେବି ଚ଼ାହିଁବେ ନାହିଁ ନିର୍ବାଚ଼ିତ ଲୋକସଭା ପ୍ରାର୍ଥୀମାନଙ୍କ ମଧ୍ୟରୁ ଜଣକୁ ମୁଖ୍ୟମନ୍ତ୍ରୀ କରିବା ପାଇଁ କାରଣ କେନ୍ଦ୍ରରେ ସରକାର ଗଠନ ନିମନ୍ତେ ସଂଖ୍ୟା ଗରିଷ୍ଠତା ପାଇଁ ୨୭୨ ଜଣ ଆବଶ୍ୟକ। ଯଦିଓ ଏନଡିଏ ସମର୍ଥୀତ ୨୯୬ ମ୍ୟାଜିକ କାର୍ଡ ଅଛି କିନ୍ତୁ ବିଜେପି ମତ୍ର ୨୪୧ ଟି ସଂସଦୀୟ କ୍ଷେତ୍ରରେ ବିଜୟ ଲାଭ କରିଛି। ତେଣୁକରି ଦଳ ମୁଖିଆମାନେ କେବେବି ଚ଼ାହିଁବେ ନାହିଁ ଲୋକସଭା ବିଜୟୀ ପ୍ରାର୍ଥୀମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ କାରଣ ଦଳକୁ ଉତର ପ୍ରଦେଶରେ ପରାଜୟର ଭୟ ଘାରିଛି। ଅପରପକ୍ଷରେ ବିଧାନ ସଭାରେ ବିଜୁ ଜନତା ଦଳ ମୁଖ୍ୟ ବିରୋଧୀ ଦଳ ଭୂମିକାରେ ଦେଖିବାକୁ ମିଳିବ ଆଗାମୀ ବଜେଟ ଅଧିବେଶନ ଠାରୁ। ବିରୋଧୀ ଦଳମାନଙ୍କ ମଧ୍ୟରେ ବିଜୁ ଜନତା ଦଳ ବିଧାୟକଙ୍କ ସଂଖ୍ୟା ୫୧ ଜଣ, ଭାରତୀୟ ଜାତୀୟ କଂଗ୍ରେସର ବିଧାୟକଙ୍କ ସଂଖ୍ୟା ୧୪ ଜଣ, ସିପିଆଇ (ଏମ୍) ଜଣିଏ ମତ୍ର ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚ଼ିତ ହୋଇଛନ୍ତି। ରାଜ୍ୟର ସୁଶାସନ ନିମନ୍ତେ ଦୃଢ଼ ବିରୋଧୀ ଦଳର ନେତା ଆବଶ୍ୟକତା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଶାସକ ସକ ଏବଂ ବିରୋଧୀ ହେଉଛନ୍ତି ଗଣତନ୍ତ୍ର ବ୍ୟବସ୍ଥାରେ ଲୋକମାନଙ୍କର ଦୁଇ ଆଖି ଭଳି। ବିଧାନସଭାରେ ଯେଉଁ ବିରୋଧୀ ରାଜନୈତିକ ଦଳ ଦ୍ୱିତୀୟ ସର୍ବାଧିକ ଆସନ ପାଇଥାଏ ତାକୁ ବିରୋଧୀ ଦଳର ମାନ୍ୟତା ମିଳେ କିନ୍ତୁ ଏହା ଅନ୍ୟ ବିରୋଧୀ ଦଳମାନଙ୍କର ଭୂମିକା ଏବଂ ଉତ୍ତରଦାୟିତ୍ୱକୁ କମ୍? କରେନି। ଦେଖିବାକୁ ଗଲେ ସମସ୍ତ ବିରୋଧୀ ଦଳର ଭୂମିକା ସମାନ। ବିରୋଧୀ ଦଳମାନଙ୍କର ମୁଖ୍ୟ ଭୂମିକା ହେଉଛି ସରକାରଙ୍କୁ ପ୍ରଶ୍ନ କରିବା ଏବଂ ସେମାନଙ୍କୁ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ କରାଇବା। ସରକାରଙ୍କର ଦୋଷ ତ୍ରୁଟିକୁ ସୁଧାରିବାରେ ଓ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ଦିଗରେ ବିରୋଧୀ ଦଳମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏକ ଆଦର୍ଶ ରାଜନୈତିକ ବ୍ୟବସ୍ଥାରେ ଲୋକମାନଙ୍କ ପାଖରେ ସରକାରୀ ଦଳ ଯେତିକି ଉତ୍ତରଦାୟୀ ବିରୋଧୀ ଦଳଗୁଡ଼ିକ ମଧ୍ୟ ସେତିକି ପରିମାଣର ଉତ୍ତରଦାୟୀ। ବିଧାନସଭାରେ ହେଉ ବା ବାହାରେ ବିରୋଧୀମାନେ ସବୁବେଳେ ସେମାନଙ୍କର ଉପସ୍ଥିତି ରଖିବା ଦରକାର। ନ ହେଲେ ସରକାର ମନମୋଟିଆ, ଏକଚ୍ଛତ୍ରବାଦୀ ହୋଇଯିବେ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟତମ ଜଣାଶୁଣା ବ୍ୟାଖ୍ୟାକାର ତଥା ନ୍ୟୁଜିଲାଣ୍ଡର ନେତା ଡନ୍? ବ୍ରାଶଙ୍କ ଭାଷାରେ, 'ବିରୋଧୀ ଦଳର ଅର୍ଥ ହେଉଛି ବିକଳ୍ପ ସରକାର' ତେଣୁ ତାକୁ ଆଖି ଆଗରେ ରଖି ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବର୍ତ୍ତମାନର ହିଞ୍ଜିଳିକାଟୁ ବିଧାୟକ ନବୀନ ପଟ୍ଟନାୟକଙ୍କ ଉପରେ ନ୍ୟସ୍ତ କରାଯାଇଛି ବିରୋଧୀ ଦଳ ନେତା ନିମନ୍ତେ।

*ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ*
*ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ*
*ନନ୍ଦପୁର, ଜିଲ୍ଲା: କୋରାପୁଟ*




# ସର୍ବ ସୁଖ-ଧାମ ରାମ ଓ ରାମପ୍ରାଣ ହନୁମାନ



ଗୋସ୍ୱାମୀ ତୁଳସୀ ଦାସଙ୍କ ରାମ ଚରିତ ମାନସ ହିନ୍ଦୀ ସାହିତ୍ୟର ଉଜ୍ଜ୍ୱଳ ରତ୍ନ। ଶ୍ରୀରାମଙ୍କ ଚରିତଗ୍ରନ୍ଥ ଭାବରେ ଏହାର ଲୋକପ୍ରିୟତା ମଧ୍ୟ ପ୍ରଚୁର। କବି ଭୂଷଣ ସ୍ୱପ୍ନେଶ୍ୱର ଦାଶ ଏହାର ସରଳ ଓଡ଼ିଆ ପଦ୍ୟାନୁବାଦ କରିଛନ୍ତି। ତାହାର 'ବାଳକାଣ୍ଡ'ରେ ବର୍ଣ୍ଣିତ ହୋଇଛି 'ରାମଜନ୍ମ ଓ ବାଳଲୀଳା' ପ୍ରସଙ୍ଗ। ସେଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ନାମକରଣ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ଅଛି। ବଶିଷ୍ଠମୁନିଙ୍କ ପରାମର୍ଶରେ ଅଯୋଧ୍ୟାର ରାଜା ଦଶରଥ ଋଷ୍ୟଶୃଙ୍ଗ ଋଷିଙ୍କୁ ଅଣାଇ ଏକ ପୁତ୍ରେଷ୍ଟି ଯଜ୍ଞ କରିଥିଲେ ଏବଂ ସେହି ଯଜ୍ଞର ଚରୁ ସେବନ କରି ତାଙ୍କର ତିନି ରାଣୀଙ୍କ ଗର୍ଭରୁ ଚାରି ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ତାହା ସମଗ୍ର ଅଯୋଧ୍ୟାବାସୀଙ୍କୁ ଆନନ୍ଦିତ କରିଥିଲା। ତୁଳସୀ ରାମାୟଣର ବର୍ଣ୍ଣନା ଅନୁସାରେ ମଧୁ ମାସ (ଚୈତ୍ର) ଶୁକ୍ଳପକ୍ଷ ନବମୀ, ଅଭିଜିତ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ ଶ୍ରୀରାମ। ତାଙ୍କର ଜନ୍ମ ସମୟ ଥିଲା ମଧ୍ୟାହ୍ନ। ସେତେବେଳେ ପ୍ରବଳ ଶୀତ ବା ପ୍ରଚଣ୍ଡ ଖରା ନଥିଲା। ମୃଦୁ ସୁଶୀତଳ ମଳୟ ପବନ ବହୁଥିଲା। ଜନ୍ମ ପରେ ଶ୍ରୀରାମ ଚତୁର୍ଭୁଜ ରୂପରେ ଆବିର୍ଭୂତ ହୋଇଥିଲେ। ମାତା କୌଶଲ୍ୟା ହାତ ଯୋଡ଼ି ତାଙ୍କୁ ସ୍ତୁତି ମଧ୍ୟ କରିଥିଲେ। କିନ୍ତୁ ତାପରେ ମାତା ତାଙ୍କୁ ଅନୁରୋଧ କରିଥିଲେ 'ଏ ରୂପ ଛାଡ଼ି ବାଲ୍ୟଲୀଳା କଲେ ମୋର ଅପାର ସୁଖ ଜାତ ହେବ।' ତାହା ଶୁଣି ମାୟାଧର ବିଷ୍ଣୁ ନିଜର ସେହି ରୂପ ଛାଡ଼ି ବାଲ୍ୟରୂପ ଧାରଣ କରିଥିଲେ। ତାହାପରେ ବଶିଷ୍ଠ ମୁନି ରାମ ଓ ଅନ୍ୟ ତିନିଭାଇଙ୍କର ନାମକରଣ କରିଥିଲେ। ସେହି ନାମକରଣ ସମୟରେ ସେ କହିଥିଲେ ପାଟରାଣୀ କୌଶଲ୍ୟାଙ୍କର ଏ ପୁତ୍ର ଆନନ୍ଦ-ସରିତ-ପତି ବା ଆନନ୍ଦର ସମୁଦ୍ର। ଏହାଙ୍କର କୃପା ରୂପକ ଜଳକଣାରେ ତ୍ରିଲୋକବାସୀ ସୁଖୀ ହେବେ। ଏହାଙ୍କର ନାମ ଅଖିଳ ବିଶ୍ୱର ଲୋକଙ୍କୁ ଆରାମ ଦେବ ଏବଂ ତାଙ୍କର ସର୍ବ ସୁଖର ଧାମ ହେବ। ଏଣୁ ଏହାଙ୍କର ନାମ 'ରାମ'। ସେହିପରି ଅନ୍ୟ ତିନିପୁତ୍ରଙ୍କ ମଧ୍ୟରୁ କୈକେୟୀଙ୍କ ପୁତ୍ରର ନାମକରଣ କରି ସେ କହିଥିଲେ - ଏ ପୁତ୍ର ବିଶ୍ୱର ଭରଣପୋଷଣ କରିବ। ଏଣୁ ଏହାଙ୍କର ନାମ 'ଭରତ'। ଶେଷରେ କନିଷ୍ଠା ରାଣୀ ସୁମିତ୍ରାଙ୍କର ଦୁଇ ଯାଆଁଳା ପୁତ୍ରଙ୍କ ମଧ୍ୟରୁ ପ୍ରଥମର ନାମକରଣ କରି ସେ କହିଥିଲେ- ଏହାଙ୍କର ନାମ ସ୍ମରଣ ମାତ୍ରେ ଶତ୍ରୁକୁଳ ନାଶ ହେବ। ଏଣୁ ଏହାଙ୍କର ନାମ 'ଶତ୍ରୁଘ୍ନ'। ଶେଷରେ ସୁମିତ୍ରାଙ୍କର ଅନ୍ୟ ପୁତ୍ରର ନାମକରଣ କରି ସେ କହିଥିଲେ, ରାମପ୍ରିୟ ଏ ପୁତ୍ର ଜଗତ ଅଧାରଭୂତ ସର୍ବସୁଲକ୍ଷଣ ସଂପନ୍ନ ହେବ ଏଣୁ ଏହାଙ୍କର ନାମ ଲକ୍ଷ୍ମଣ। ଏହିପରି ଭାବରେ ବଶିଷ୍ଠ ମୁନି ଦଶରଥଙ୍କର ଚାରିପୁତ୍ରଙ୍କ ନାମକରଣ, ସେମାନଙ୍କର ଗୁଣ ଅନୁରୂପେ କରିଥିଲେ। ଶ୍ରୀମଦ୍ଭାଗବତ ମହାପୁରାଣ (୧୧/୧୬/୨୯)ରେ ସ୍ୱୟଂ ପରମପୁରୁଷ ଭଗବାନ ନିଜକୁ କିମ୍ପୁରୁଷମାନଙ୍କ ମଧ୍ୟରେ ହନୁମାନ ବୋଲି ଘୋଷଣା କରିଛନ୍ତି - 'ବାୟୁଦେବୋ ଭଗବତାଂ ତ୍ୱଂ ତୁ ଭାଗବତେଷ୍ୱହମ୍। କିମ୍ପୁରୁଷାଣାଂ ହନୁମାନ ବିଦ୍ୟାଧ୍ରାଣାଂ ସୁଦର୍ଶନଃ।।' ଅର୍ଥାତ୍ ମୁଁ ଷଡ଼ୈଶ୍ୱର୍ଯ୍ୟଶାଳିଙ୍କ ମଧ୍ୟରେ ବାସୁଦେବ, ପ୍ରେମୀ ଭକ୍ତଙ୍କ ମଧ୍ୟରେ ଉଦ୍ଧବ, ପୁରୁଷୋତ୍ତମମାନଙ୍କ ମଧ୍ୟରେ ହନୁମାନ ଓ ବିଦ୍ୟାଧର ମାନଙ୍କ ମଧ୍ୟରେ ନନ୍ଦଙ୍କ ଚରଣସ୍ପର୍ଶକାରୀ ସୁଦର୍ଶନ। ଏଥିରୁ ଭଗବାନ ଓ ହନୁମାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ। ଭକ୍ତ ଓ ଭଗବାନଙ୍କର ଏକତ୍ୱ ସତ୍ତ୍ୱେ ସେମାନଙ୍କର ଦ୍ୱୈତ ଲୀଳା ଅତିବ ହୃଦୟଗ୍ରାହୀ, ଶିକ୍ଷଣୀୟ। ଆନନ୍ଦରାମାୟଣ ଉଲ୍ଲେଖ ଅଛି - 'ଯତ୍ର ଯତ୍ର ରଘୁନାଥକୀର୍ତ୍ତନଂ ତ୍ରତ୍ର ତତ୍ର କୃତମସ୍ତକାଞ୍ଜଳିମ୍। ବାଷ୍ପବାରିପରି ପୂର୍ଣ୍ଣଲୋଚନଂ ମାରୁତିଂ ନମତ ରାକ୍ଷସାନ୍ତକମ୍।।' ବାଲ୍ମୀକି ରାମାୟଣ (୭/୪୦/୨୩)ରେ ରାମଚନ୍ଦ୍ରଙ୍କ ପ୍ରଶଂସାବାଣୀ ଅତୀବ ଭାବାତ୍ମକ। ଯଥା 'ଏକୈକସ୍ୟୋପକାରସ୍ୟ ପ୍ରାଣାନ୍ ଦାସ୍ୟାମି ତେ କପେ। ଶେଷସ୍ୟେହୋପକାରାଣାଂ ଭବାମ ଋଣିନୋ ବୟମ୍।' ଅର୍ଥାତ୍ ହେ କପି ହନୁମାନ! ତୁମେ ଯେତେ ସବୁ ଉପକାର କରିଛ ସେଥିମଧ୍ୟରୁ ଗୋଟିଏ ଗୋଟିଏ ପାଇଁ ପ୍ରତ୍ୟୁପକାରରେ ମୁଁ ପ୍ରାଣ ସମର୍ପଣ କରିପାରିବି। ମାତ୍ର ତା ପରେ ବି ତୁମ ଉପକାରର ଶେଷ ନଥିବାରୁ ମୁଁ ଚିରକାଳ ଋଣୀ ରହିଯିବି। ଅସରନ୍ତି ଏହି ରାମ ହନୁମାନ କଥାବସ୍ତୁ। ସମର୍ଥ ଭଗବାନ ଓ ସମ୍ପନ୍ନ ଭକ୍ତ ଭାବରେ ଯୁଗେ ଯୁଗେ ପୁରୁଷୋତ୍ତମ ଶ୍ରୀରାମ ଏବଂ ଭକ୍ତରାଜ ଶ୍ରୀହନୁମାନ ଚିରନମସ୍ୟ।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଶ୍ୱନାଟ୍ୟ ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ବିଶ୍ୱ ନାଟ୍ୟ ଦିବସ ଅବସରରେ ସାମାଜରେ କିଭଳି କଳା ସଂସ୍କୃତି ବଞ୍ଚି ରହିବ ବାର୍ତ୍ତାବହକ କ୍ଷୁଦ୍ର ନାଟକ "ଜରୁରୀ" ମଞ୍ଚସ୍ଥ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପ ସବୁବେଳେ ସବୁ ସମୟରେ ସମାଜକୁ ଶିକ୍ଷା ଦେଲାଭଳି କଳାକାରମାନଙ୍କ ଦ୍ୱାରା ନାଟକ ଲୋକ ମାନଙ୍କ ଆଦୃତ ହୋଇ ଆସୁଅଛି। ଅନ୍ୱେଷଣ ସବୁବେଳେ ଯାଜପୁର ନୁହେଁ ସାରା ଓଡ଼ିଶାର ତାହାର କଳାକାରମାନେ ନାଟକ ମାଧ୍ୟମରେ ବିକଶିତ କରିଆସୁଅଛନ୍ତି। ଗତ ମାସ ୨୭ ତାରିଖ ରବିବାର ଅନୁଷ୍ଠାନର କଳାମାନେ ଯାଜପୁରର ସର୍ବପୁରାତନ ବାରୁଣୀ ଘାଟ ଠାରେ ଏକତ୍ରିତ ହୋଇ ଛୋଟ ଛୋଟ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରିବା ସହ ପବିତ୍ର ବାରୁଣୀ ଘାଟକୁ ସଫେଇ କରିଥିଲେ। ତାହାପରେ କଳାକାରମାନେ ସୁ-ସଜ୍ଜିତ ହୋଇ କଳା ସଂସ୍କୃତି କିଭଳି ବଂଚି ରହିବ ତାହା ଉପରେ ଆଧାରିତ କ୍ଷୁଦ୍ର ନାଟକ 'ଜରୁରୀ' ପରିବେଷଣ କରାଯାଇଥିଲା। ଏହି ନାଟକଟି ଯାଜପୁରର ଦର୍ଶକଙ୍କ ଖୁବ୍ ମନୋମୁଗ୍ଧକର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ର, ଯାଜପୁର ଥାନାର ଆଇଆଇସି ଅଜୟ କୁମାର ଜେନା, ଯାଜପୁର ଉପକାରାଗାରର ଜେଲର ପ୍ରସନ୍ନ କୁମାର ସାହୁ, ସମାଜ ସେବୀ ରବିନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଅନୁଷ୍ଠାନ ଏହିପରି ନିଆରା କାର୍ଯ୍ୟକ୍ରମକୁ ଭୁୟସି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶନ୍ନ କୁମାର ବିଶ୍ୱାଳ, ଉପ-ସଭାପତି ଉପେନ୍ଦ୍ର କୁମାର ଯେନା, ମିଡିଆ ସେଲ୍ ଅଧ୍ୟକ୍ଷ ସୁରେଶ କୁମାର କର, ମୃତ୍ୟୁଞ୍ଜୟ ସାହୁ, ସେକ୍ ସାଜିଦ୍ (ଝନ୍ଦ ବାବୁ), ଆଦିକନ୍ଦ ପଣ୍ଡା, ଗୌତମ ବିକାଶ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା, ଭରତ ଚନ୍ଦ୍ର ହେହେରା, ରତିକାନ୍ତ ସାହୁ, ଧନଞ୍ଜୟ ନାୟକ, ସୁରଜ ପଣ୍ଡା, ମୁକୁନ୍ଦ ନାୟକ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜିତେନ୍ଦ୍ର ସାହୁ, ବିଜୟ ମହାରଣା, କାହ୍ନୁ ଚରଣ ପତି (ସଂଗୀତଜ୍ଞ), ସନ୍ତୋଷ କୁମାର ରାଉତ, ଇଚ୍ଛାମୟୀ ଧଳ, ମମତାରାଣୀ ଯେନା, ସ୍ୱାତୀ ପଣ୍ଡା, ସାଗରିକା ପରିଡ଼ା, ମାମାଲି ସାହୁ, ପଲ୍ଲବି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଆଗାମୀ ଦିନରେ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଇବା ପାଇଁ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ନାଟ୍ୟ ଦିବସରେ ଶପଥ ନେଇଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ଏକଦିବସୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ତାଲିମ କର୍ମଶାଳା

ବାଲେଶ୍ୱର (ପିଏନ୍)-ଗ୍ରୀଷ୍ମର ପ୍ରକୋପ ଏବେ ଧୀରେ ଧୀରେ ବଢି ଚାଲିଥିବା ବେଳେ ଗ୍ରୀଷ୍ମପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ । ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ଯଦି କୌଣସି ଦିନ ୪.୫ ରୁ ୬ଡିଗ୍ରୀ ଅଧିକ ତାପମାତ୍ରା ରୁହେ କିମ୍ବା ୪୫ ଡିଗ୍ରୀ ସେଲସିୟସ୍ ଉପରେ ତାପମାତ୍ରା ରୁହେ, ତେବେ ଆମେ ତାହାକୁ ଗ୍ରୀଷ୍ମ ପ୍ରବାହ ବୋଲି କହିଥାଉ । ଗ୍ରୀଷ୍ମ ପ୍ରବାହ ଯୋଗୁଁ ମନୁଷ୍ୟ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସହିତ ଗୃହପାଳିତ ପଶୁ ଏବଂ ଚାଷବାସ ଉପରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ । ଅଂଶୁଘାତରେ ଜୀବନହାନୀ ମଧ୍ୟ ହୋଇଥାଏ । ତେଣୁ ଏହାର ସଠିକ୍ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷାପାଇବାର ଉପାୟ ସମ୍ପର୍କରେ ଏହି କର୍ମଶାଳାରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା । ବୈଠକରେ ଉପସ୍ଥିତ ତହସିଲଦାର, ବିଡିଓ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସମଗ୍ର ଜିଲ୍ଲାରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଓସଡାମା'ର "ସତର୍କ" ଆପ୍ ସମ୍ବନ୍ଧରେ କିଭଳି ଅଧିକରୁ ଅଧିକ ଲୋକ ଜାଣିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ସହ ସାମାଜିକ ଗଣମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଏହି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ଅଂଚଳରେ ବଂଟନ ହେବାକୁ ପେନସନ୍ ଓ ଭିନ୍ନକ୍ଷମ ସହାୟକ ଉପକରଣ ପାଇଁ ସମୟ ସାରଣୀରେ ପରିବର୍ତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳାଭାବ ଉପରେ ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ପାନୀୟ ଜଳ ସମସ୍ୟା ପାଇଁ ଜାରି କରାଯାଇଥିବା ହେଲ୍ପ ଲାଇନ୍ ନମ୍ବର – ୧୯୧୬ ସମ୍ପର୍କରେ ଜିଲ୍ଲାର ସମସ୍ତ ଅଂଚଳର ଲୋକ ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ଜାଣିପାରିବେ ସେ ନେଇ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବେ । ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ଜାଗାରେ ବଡମୁହଁ ଥିବା ପାତ୍ର କିମ୍ବା ସେଭଳି ଆକୃତିର ଅନ୍ୟ କୌଣସି ପାତ୍ରରେ ପାନୀୟଜଳ ରଖାଯିବା ବ୍ୟବସ୍ଥା କରାଯିବ । ଅଂଶୁଘାତ ରୋଗୀଙ୍କ ଆଶୁ ଚିକିତ୍ସା ପାଇଁ ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ଓ ଅଂଶୁଘାତରେ ମୃତ୍ୟୁ କ୍ଷେତ୍ରରେ ମିଳିତ ତଦନ୍ତ ରିପୋର୍ଟ ନିଶ୍ଚିତ ଭାବେ ସମୟସୀମା ମଧ୍ୟରେ ଦାଖଲ ହେବ । ବିଦ୍ୟାଳୟମାନଙ୍କର ପାଣିଟାଙ୍କିକୁ ସଫା କରାଯିବା ସହିତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଓଆରଏସ ପ୍ୟାକେଟ୍ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଶ୍ରେଣୀ ସମୟ ପରିବର୍ତନ ସହିତ କୋଭିଡ୍ ଟିକାକରଣ ସମୟକୁ ମଧ୍ୟ ପରିବର୍ତନ କରିବାକୁ ଏଥିରେ କୁହାଯାଇଥିଲା । ଗ୍ରୀଷ୍ମ ଋତୁରେ କୌଣସିପ୍ରକାର ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରହିବେ । ଜିଲ୍ଲାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ରେକର୍ଡ ରୁମରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବାରୁ ସେଠାରେ ଯେପରି କୌଣସି କାରଣବଶତଃ ନିଆଁ ନ ଲାଗେ ସେଥିପ୍ରତି ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏପରିକି ଅଗ୍ନିଶମ ବିଭାଗ ଦ୍ୱାରା ନିଜ ନିଜ କାର୍ଯ୍ୟାଳୟରେ ଆଗୁଆ ଅଗ୍ନି ସୁରକ୍ଷା ଅଡିଟ୍ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ କହିଥିଲେ । ବାଲେଶ୍ୱର ସହର ମଧ୍ୟରେ ପ୍ରଚଣ୍ଡ ଖରାରେ ଟ୍ରାଫିକ୍ ପୋଲିସ୍ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ଛତା ଯୋଗାଇଦେବା ସହିତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ କୁହାଯାଇଥିଲା । ବାଟୋଇ ଓ ଯାତ୍ରୀମାନଙ୍କର ତୃଷା ନିବାରଣ ନିମନ୍ତେ ପାନୀୟ ଜଳ ସେବା କେନ୍ଦ୍ର ସ୍ଥାପନ ହେବାକୁ ଥିବା ବେଳେ ଆବଶ୍ୟକତା ଅନୁଯାୟୀ ଏହା ସ୍ଥାପନ କରିବା ଏବଂ ଏହାର ସୁପରିଚାଳନା ସହିତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଦିନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ ପ୍ରଚଣ୍ଡ ଖରାରେ କାମ କରିବା ପାଇଁ ବାରଣ କରାଯିବ । ଅଂଶୁଘାତରୁ ରକ୍ଷା ପାଇଁ କଣ କରିବା ଏବଂ କଣ ନ କରିବା ସେ ସମ୍ପର୍କରେ ଅଧିକାରୀମାନଙ୍କୁ ବିଶେଷ ଭାବେ ଏହି ତାଲିମ ଶିବିରରେ ବୁଝାଯାଇଥିଲା ଏବଂ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା । ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ଜନିତ ସମସ୍ୟା ଏବଂ ଯାତ୍ରୀ ପରିବହନ ପାଇଁ ସମୟ ନିର୍ଦ୍ଧାରଣ ସମ୍ପର୍କରେ ମଧ୍ୟ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା । ତାଲିମ୍ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀକାନ୍ତ ଭୂୟାଁ ପ୍ରୋଜେକ୍ଟର ମାଧ୍ୟମରେ ଗ୍ରୀଷ୍ମପ୍ରବାହ ଓ ଏହାର ପ୍ରଭାବ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ୍ ଗ୍ରୀଷ୍ମପ୍ରବାହ ମୁକାବିଲା ଆକ୍ସନ ପ୍ଲାନ୍ ଉପରେ ଆଲୋକପାତ କରିଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏପିଡେମୋଲୋଜିଷ୍ଟ ଡା. ଅରୂପ ଦାସ ଗ୍ରୀଷ୍ମ ପ୍ରବାହ ଜନିତ ମାନସିକ ଓ ଶାରୀରିକ ଚାପ ପରିଚାଳନା ଉପରେ ତଥ୍ୟଭିତିକ ରିପୋର୍ଟ ଉପସ୍ଥାପନ ସହ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ । ୟୁନିସେଫ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




# DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

**VED BHAWAN**

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

**ADMISSION ON**

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.KG. & U.KG.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Phagyan Communication

Mahaditya Publication

**ADMISSION ON**

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ଡ. ପଦ୍ମଜ ପାଳଙ୍କ ଉପନ୍ୟାସ 'ବି. ରାଓ୍ୱତ୍ ରିପୋର୍ଟ' ଲୋକାର୍ପିତ, ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ 'ପଦ୍ମଜ କଥା ସମ୍ମାନ'

ଖୋର୍ଦ୍ଧା (ପିଏନ୍): ଯଶସ୍ୱୀ କଥାକାର ତଥା ଔପନ୍ୟାସିକ ଡ. ପଦ୍ମଜ ପାଳଙ୍କ ୭୬ ତମ ଜନ୍ମଦିନ ଅବସରରେ 'ବି. ରାଓ୍ୱତ୍ ରିପୋର୍ଟ' ନାମକ ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି। ଚର୍ଯ୍ୟାୟୁଧ ପକ୍ଷରୁ ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସମେତ ଗାଳ୍ପିକ ଡ. ସୁରେଶ ଛୋଟରାୟ, ଡ. ନଟବର ସାହୁ, ଅଣୁଗଳ୍ପର ସ୍ରଷ୍ଟା ସୁନୀଲ ବୋଷ, ଜ୍ଞାନରଂଜନ ଦାଶ, ଆଶିଷ ରାୟ, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଡ. ପାଳଙ୍କ ସଦ୍ୟପ୍ରକାଶିତ ଉପନ୍ୟାସର ସଫଳତା କାମନା କରିବା ତାଙ୍କର କାଳଜୟୀ ସୃଷ୍ଟି ଓ ଜୀବନଦର୍ଶନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁବ ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ ଥର ପାଇଁ 'ପଦ୍ମଜ କଥା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର, ଉପଢୌକନ ସହ ୧୦ହଜାର ଅର୍ଥରାଶି ତାଂକୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ଚର୍ଯ୍ୟାୟୁଧ'ର ସମ୍ପାଦିକା ସବିତା ପାଳ ସୂଚନା ଦେଇଥିଲେ ଯେ, ପ୍ରତିବର୍ଷ ଡ. ପାଳଙ୍କ ଜନ୍ମଦିନ ଅବସରରେ ଏହି ସମ୍ମାନ ଜଣେ ନିଷ୍ଠାବାନ ସାହିତ୍ୟିକଙ୍କୁ ପ୍ରଦାନ କରାଯିବ। ଡ. କୈଳାସ ଚନ୍ଦ୍ର ମହାରଣା ଓ ଗାଳ୍ପିକ ତପନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ପ୍ରତ୍ୟେକ ମଣିଷକୁ ଭଲ ପାଇବା ଓ ଜୀବନକୁ ବୁଝିବା ହେଉଛି ସାହିତ୍ୟିକର ଧର୍ମ। ଶେଷରେ କବୟିତ୍ରୀ ପ୍ରିୟଦର୍ଶିନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ପଖାଳ ଦିବସ

ଖୋର୍ଦ୍ଧା (ପିଏନ୍): ପଖାଳ ହେଉଛି ଓଡ଼ିଆ ଅସ୍ମିତାର ପରିଚାୟକ। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। କରୋନା ସମୟରେ ପଖାଳର ରୋଗପ୍ରତିରୋଧକ ଶକ୍ତି ସଂପର୍କରେ ଚର୍ଚ୍ଚା ହୋଇଥିଲା ବୋଲି ପଖାଳ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ସୁଜିତ୍ କୁମାର ବିଷୋୟୀ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସଂପାଦକ ସୁଧୀର କୁମାର ମାନସିଂହ ଓ ମହିଳା ଜାଗରଣ ସଂଗଠିକା ରଶ୍ମୀରେଖା ମହାପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳ ଭୋଗ ହେବାର ବ୍ୟବସ୍ଥା ରହିଛି। ଓଡ଼ିଆ ପଖାଳ ଖାଇ ପୁରୀ, କୋଣାର୍କ ମନ୍ଦିର ଗଢିଛି। ପଖାଳ ଏବେ ବିଶ୍ୱସ୍ତରରେ ପରିଚିତ ହେଉଛି। ସଭା ପରେ ପଖାଳ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ସମେତ ଆଇନ ମହାବିଦ୍ୟାଳୟର ଅନ୍ତେବାସିନୀ ଛାତ୍ରୀମାନଙ୍କୁ ଦହି ପଖାଳ, ଭଜା, ଶାଗ, ପାମ୍ପଡ଼, ଶୁଖୁଆ, ଖଟା ଆଦି ପରିବେଷଣ କରାଯାଇଥିଲା। ପଖାଳ ଖାଇବା ପାଇଁ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ମହାବିଦ୍ୟାଳୟ ହଷ୍ଟେଲରୁ ୪୦ଟି ବେଲା ଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ତାରାପ୍ରସାଦ ବଡ଼ଜେନା, ସୁପ୍ରିୟା ବେହେରା, ଉର୍ମିଳା ପରିଡ଼ା, ଜ୍ୟୋତିରଂଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।




# କେନ୍ଦୁଝର ଡାକ ବିଭାଗରେ ଜାତୀୟ ଡାକ ସପ୍ତାହ ପାଳିତ




କେନ୍ଦୁଝର(ପିଏନ)-ସଂପ୍ରତି ସାରା ଦେଶରେ ଜାତୀୟ ଡାକ ସପ୍ତାହ ପାଳିତ ହେଉଛି । ଡାକ ବିଭାଗର ତା'ର ଜନାଭିମୁଖୀ କାର୍ଯ୍ୟକ୍ରମ ଗୁଡିକ ଏହି ନିର୍ଦ୍ଧାରିତ ଦିବସ ମାନଙ୍କରେ ଜନସାଧାରଣଙ୍କୁ ଅବଗତ କରାଇ ଡାକ ବିଭାଗ ସହିତ ସାଧାରଣରୁ ଅତି ସାଧାରଣ ଲୋକଙ୍କୁ କିପରି ଜଡିତ କରାଯାଇ ପାରିବ ତହିଁର ସାମାନ୍ୟତମ ସୁଯୋଗ ହାତଛଡା କରୁ ନାହାଁନ୍ତି । ଦିନ ଥିଲା ଡାକ ବିଭାଗର ଗୋଟିଏ ଚିଠି, ଟେଲିଗ୍ରାମ କିମ୍ବା ମନିଅର୍ଡର ପାଇଁ ଛୁଆ ଠାରୁ ବୁଢା ପର୍ଯ୍ୟନ୍ତ ଚାତକ ପରି ଚାହିଁ ରହୁଥିଲେ । ସେଇଥି ପାଇଁ ଏହି ବିଭାଗ ତାର ୧୬୦ ବର୍ଷର ନିରବଛିନ୍ନ ସେବା ଆଜି ମଧ ଆଧୁନିକତାର ସ୍ପର୍ଷ ଦେଇ ଜନସାଧାରଣଙ୍କୁ ଯୋଗାଇ ଦେଇ ଆସୁଛି । ଡାକ ବିଭାଗ ବିଶେଷ କରି କରୋନା ପରି ଏକ ଜାତୀୟ ବିପର୍ଯ୍ୟୟ ସମୟରେ ତାର ଉତ୍କୃଷ୍ଟ ସେବା ଜନସାଧାରଣଙ୍କୁ ଯୋଗାଇ ଦେଇ ଦେଶରେ ବେଶ୍ ଉଚ୍ଚ ପ୍ରଶଂସିତ ହୋଇଛି । ଏହି ପରିପ୍ରେକ୍ଷୀରେ ଡାକ ବିଭାଗର ପ□ମ ଦିବସରେ ଡାକ ଟିକେଟ୍ ପ୍ରଦର୍ଶନ ସ୍ୱରୂପ ଓଡିଶା ଡାକ ମଣ୍ଡଳଙ୍କ ନିର୍ଦ୍ଦେଶ ଅନୁସାରେ କେନ୍ଦୁଝର ମୁଖ୍ୟ ଡାକ ମଣ୍ଡଳ ତରଫରୁ ଏକ ସ୍ୱତନ୍ତ୍ର ଥିଲାଟେଲିର ସ୍ୱତନ୍ତ୍ର କଭର ପ୍ରଦର୍ଶନ କରାଯାଇ ଅଛି । ଉକ୍ତ ନିରାଡମ୍ବର ଉତ୍ସବରେ ମୁଖ୍ୟଅତିଥି ଭାବେ ଘଟଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚି□ରଞ୍ଜନ ମିଶ୍ର ଯୋଗ ଦେଇଥିଲେ । କେନ୍ଦୁଝର ଥିଲାଟେଲି ସଂଘର ସଭାପତି ଅକ୍ଷୟ କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । କେନ୍ଦୁଝର ଡାକ ମଣ୍ଡଳ ଅଧିକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ । ସହଅଧିକ୍ଷକ ବ୍ରଜେନ୍ଦ୍ର କୁମାର ହେମ୍ବ୍ରମ ଓ ପୋଷ୍ଟମାଷ୍ଟର ଅମୂଲ୍ୟ କୁମାର ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ୟବସାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ କାମାକ୍ଷା ପ୍ରସାଦ ସାହୁ ଓ ବିନୋଦିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମୋରମ ଗାଡି ଜବତ



ହାଟଡିହ(ପିଏନ)-କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ଦାସ ମରେଇଗାଁ ପଂଚାୟତ ନିକଟରେ ବେଆଇନ୍ ଭାବେ ଚୋରା ଚାଲାଣ କରୁଥିବା ଏକ ମୋରମ ବୋଝେଇ ହାଇୱାକୁ ଜବତ କରିଛନ୍ତି । ତେବେ ମୋରମ କେଉଁଠୁ ଆସୁଥିଲା ତାହା ଜଣାପଡିନି । କିନ୍ତୁ ମରେଇଗାଁ ପଂଚାୟତ ନିକଟରେ ଏକ ସରକାରୀ ଉନ୍ନୟନ କାର୍ଯ୍ୟ ପାଇଁ ଏହି ମୋରମ ଆସୁଥିବା ଜଣାପଡିଛି । ପ୍ରତିଦିନ ଶହ ଶହ ଟ୍ରିପ୍ ମୋରମ ଚୋରା ଚାରାଣ ହେଉଛି କିନ୍ତୁ କେତେକ ନ୍ୟସ୍ତ ସ୍ୱାର୍ଥ ଓ ମୁନାଫା ଖୋର କର୍ମଚାରୀଙ୍କ ପାଇଁ ଚୋରା ଚାଲାଣ ବଢିବାରେ ଲାଗିଛି । ଯାହାକି ପରିତାପର ବିଷୟ ସାଜିଛି ।

# ସୁନା ଦୋକାନରୁ ଚୋରି



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ବଲାଣି ଟାଉନସିପ୍ ବିଷ୍ଣୁମନ୍ଦିର କମ୍ପ୍ଲେକ୍ସ ନିକଟସ୍ଥ ମା ତାରିଣୀ ନାମକ ସୁନା ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୋକାନର ଗ୍ରୀଲ ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି । ପୂର୍ବରୁ ମଧ ଏହି ଦୋକାନରେ ଚୋରି ହୋଇଥିବା ବେଳେ ପୁନର୍ବାର ଦୁର୍ବୃ□ ଏହି ଦୋକାନକୁ ଟାର୍ଗେଟ କରିଛନ୍ତି । ଦୋକାନ ମାଲିକ ଆନନ୍ଦ ସାହୁଙ୍କ କହିବା ଅନୁଯାଇ ସେ ଦୋକାନରୁ ସମସ୍ତ ଦାମୀ ସୁନା ଗହଣା ପୂର୍ବରୁ କାଢି ନେଇଥିବା ବେଳେ କିଛି ସୁନା ଓ ରୂପା ଗହଣା ମରାମତି ପାଇଁ ଥିବା ବେଳେ ଦୁର୍ବୃ□ ୪୦ ରୁ ୫୦ ହଜାର ଟଙ୍କା ର ସୁନା ଗହଣା ଚୋରି କରି ନେଇଛନ୍ତି । ଏହା ବ୍ୟବୀତ ଦୋକାନରେ ଥିବା ଲୁହା ସିନ୍ଦୁକକୁ ତାଡିବାକୁ ଚେଷ୍ଟା କରିଥିଲେ ମଧ ଦୁର୍ବୃ□ମାନେ ଅସଫଳ ହୋଇଥିଲେ । ଖବର ପାଇ ବଲାଣି ପୋଲିସ ଘଟଣା ସ୍ଥଳରେ ପହ□ ତଦନ୍ତ ଚଳାଇଛି ।

# ଲିଜ୍‌ଧାରୀ ଚୟନରେ ଅନିୟମିତତା, ଆମରଣ ଅନଶନ




ହାଟଡିହ(ପିଏନ)-କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଧିନରେ ତିନୋଟି ବାଲିଘାଟ ନିଲାମ ନିମନ୍ତେ ଗତ ୨୫.୦୮.୨୦ରେ ଚିଠି ନଂ ୫୬୪୦ରେ ନୋଟିସ୍ କରାଯାଇଥିଲା । ଅମୃତପୁର, ଗୋବିନ୍ଦପୁର, ଜମ୍ବିରା ତିନୋଟି ବାଲିଘାଟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥି ମଧ୍ୟରୁ ଗୋବିନ୍ଦପୁର ବାଲିଘାଟ ପାଇଁ ୯ଟି ଆବେଦନ ଗ୍ରହଣ କରାଯାଇଥିଲା । ଯେଉଁଥିରେ ୨୪.୦୯.୨୦ ନିଲାମ କରାଯାଇ ୨୫.୦୯.୨୦ରେ ଉକ୍ତ ଘାଟ ପାଇଁ ଗଜେନ୍ଦ୍ର ସାହୁଙ୍କୁ ସ୍ୱୀକୃତି ଦିଆଯାଇଥିଲା । ଦ୍ୱିତୀୟ ସ୍ଥାନରେ ଥିବା ସୁବ୍ରତ ସା ଲିଜ୍‌ଧାରୀ ଚୟନରେ ଅନିୟମିତତା ଅଭିଯୋଗ ଆଣିଥିଲେ । ଯାହାକୁ ନେଇ ୧୨.୧୦.୨୦ରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଛନ୍ତି । ଏହି ଅନଶନରେ ଉଦୟ ସା, ସୁବ୍ରତ ସା, ବିଶ୍ୱନାଥ ସାହୁ, ମାନସ ଜେନା, ଦୀପା ଜେନା ଉପସ୍ଥିତ ଥିଲେ । ଏସ୍‌ଡିପିଓ ବିଦ୍ୟୁତ୍ ପଣ୍ଡା ଧରଣା ସ୍ଥଳରେ ପହଂଚି ଅନଶନକାରୀଙ୍କୁ ୩ରୁ ୪ଦିନ ମଧ୍ୟରେ ତଦନ୍ତ କରାଯାଇ ନ୍ୟାୟ ଦେବାପାଇଁ ପ୍ରତିଶୃତି ଦେଇ ଧାରଣା ସ୍ଥଳରୁ ଉଠାଇ ଦେଇଥିଲେ ।

### କରୋନା ରୋଗୀଙ୍କ ଶବଦାହ ପାଇଁ ଫିରିଙ୍ଗିଆରେ ଅଂଚଳରେ ଉତେଜନା

# ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତ୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତ୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକର ରାସ୍ତାରେ ରାସ୍ତାରୋକ କରିଥିଲୋ । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲ । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହେରା ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Sunday June 09, 2024 ଭୁବନେଶ୍ୱର ରବିବାର, ଜୁନ ୦୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୦ ଟାଙ୍କିଆ କଏନ ଗଜପତିରେ ଅଚଳ

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା)(ପି.ଏନ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାର ମୋଟ ୭ ଗୋଟି ବ୍ଲକ ମୋହନା, ଆର. ଉଦୟଗିରି, ନୂଆଗଡ, ରାୟଗଡ, ଗୋଷଣୀ, ଗୁମ୍ମା, କାଶୀନଗର ଆଦି ଅଞ୍ଚଳରେ ଚାଲୁ ନାହିଁ ଦଶଟଙ୍କିଆ କଏନ୍ । ଏଭଳି ସ୍ଥିତି ପାଇଁ ଦାୟୀ କିଏ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିବର୍ଷ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ଦଶଟଙ୍କିଆ ଓ କୋଡ଼ିଏ ଟଙ୍କିଆ କଏନ୍ ବଜାରକୁ ଛଡ଼ାଯାଇଛି। ସବୁଠି ଏହା ଚାଲୁଥିବା ବେଳେ ପାରଳାଖେମୁଣ୍ଡି ସହରରେ କାହିଁକି ଚଳୁନାହିଁ ବୋଲି ସାଧାରଣରେ ପ୍ରଶ୍ନ କରାଯାଇ ଲୋକେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡା କହିଛନ୍ତି ଯେ, ବ୍ୟବସାୟୀଙ୍କ ଯୋଗୁଁ ହିଁ ୧୦ ଟାଙ୍କିଆ କଏନ ଗଜପତିରେ ଚଳୁନାହିଁ. ହେଲେ ଯେତେବେଳେ ବ୍ୟାଙ୍କକୁ ନେଇକି ଯାଉଛୁ, ସେତେବେଳେ ବ୍ୟାଙ୍କର କର୍ମଚାରୀମାନେ ଭିଡ଼ ମଧ୍ୟରେ କଏନ ଗଣିବା ଓ ଆକାଉଣ୍ଟରେ ଜମା ରଖିବାକୁ ସମୟ ପାଉନଥିବାରୁ ମନା କରୁଛନ୍ତି। ଫଳରେ, ଦୋକାନୀମାନେ ବି ଗ୍ରାହକଙ୍କ ଠାରୁ ବିନମୟରେ କଏନ ନେବା ପାଇଁ ପଛଘୁଞ୍ଚା ଦେଉଛନ୍ତି । ଏପଟେ, ପ୍ରତ୍ୟେକ ବ୍ୟବସାୟୀ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ କଏନ୍ ମହଜୁଦ୍ ରଖିଛନ୍ତି, ତାକୁ ସାରିବାକୁ କଷ୍ଟ ହେଉଛି। ବ୍ୟାଙ୍କ ଗ୍ରହଣ କଲେ ଆମେ ମଧ୍ୟ କଏନ୍ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଏଣୁ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କଏନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦିଅନ୍ତୁ। ଫଳରେ, ସାଧାରଣ ଲୋକ ମଧ୍ୟ ବଜାରରେ ଏହାକୁ ପୂର୍ଣ୍ଣ ମାତ୍ରାରେ ବ୍ୟବହାର କରିପାରିବେ ଏବଂ କାହାରି କିଛି ଅସୁବିଧା ହେବ ନାହିଁ । ତେଣୁ, ପ୍ରଥମେ ବ୍ୟାଙ୍କ ଗ୍ରହଣ କରୁ, ତାପରେ ଦୋକାନୀ ଗ୍ରହଣ କରିବେ ବୋଲି ମତପ୍ରକାଶ ପାଇଛି।

# ପାରଳାରେ ରାସ୍ତାକଡ଼ର ଗଛଡାଳ କଟାଯାଉନି ରାସ୍ତାଘାଟ



ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ପୁରାତନ ବହୁ ବଡ଼ ଗଛର ଡାଳ କଟା ଯାଉନି କି ରାସ୍ତା ଘାଟ ଠିକ ଭାବେ ସଫେଇ ହେଉନାହିଁ. ଗତ ୩ ଦିନ ଅର୍ଥାତ ଛଅ ଦିନ ପୂର୍ବ ? ହୋଇଥିବା କାଳବୈଶାଖୀରେ ସହରର ବିଭିନ୍ନ ସ୍ଥାନରେ ଥିବା ଗଛଡାଳ ଡାଳ ପଡ଼ି ରାସ୍ତାଘାଟ ଅବରୋଧ ଅବରୋ ହୋଇଥିଲା। ଏଥିଯୋଗୁଁ ଯାତାୟାତରେ ନାନାଦି ସମସ୍ୟା ଦେଖା ଦେଇଥିଲା ରଥିଲା ଓ ଦିନେ ଦୁଇ ଦିନ ପ ପରେ ରାସ୍ତା ଉପ ଉପରୁ ଗଛ ଏବଂ ଡାଳଗୁଡ଼ିକୁ ସଫା କରାଯାଇଥିଲେ ଇଥିଲେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରା ରାସ୍ତାରେ ଆଜି ଯାଏଁ ସଫେଇ କରାଯାଇ ନାହିଁ । ଗଛ ଡାଳ ଶୁଖି ସେମିତି ହିଁ ପଡ଼ିରହିଥିବା ବେଳେ ଗମନାଗମନରେ ଅସୁବିଧା ହେଉଛି। ସେହିପରି ଉଲ୍ଲେଖିତ ସ୍ଥାନର ସମ୍ମୁଖରେ ବହୁ ରାତନ ଗଛ ରହିଛି। ଏହି ଗଛଗୁଡ଼ିକର ଡାଳ ମୁଖ୍ୟ ରାସ୍ତା ତଥା ୱାନୱେ ଟ୍ରାଫିକ ରାସ୍ତାର ଉପରେ ରହିଛି। ଏଥିଯୋଗୁ ଟ୍ରକ, ବସ୍ ଯାତାୟାତ କରିବା ବେଳେ ଡାଳବାଜୁଛି ଏବଂ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି। ଏହା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଗଛ ଘଞ୍ଚ ହୋଇ ରହିଛି। ଏଥିରୁ ଯାତାୟାତ କରୁଥିବା ଯାନବାହାନରେ ବିଶାକ୍ତ ସରୀସୃପ ଆକ୍ରମଣ ହେବାର ସମ୍ଭାବନା ମଧ୍ୟ ରହିଛି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭଦ୍ରକ,(ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଆନୁକୂଲ୍ୟରେ ଭଦ୍ରକ ବ୍ଲକର ଆମ୍ଭୋଳି ପଞ୍ଚାୟତରେ ମକରେଶ୍ୱର ନୋଡ଼ାଲ ସ୍କୁଲ ପରିସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଜଜ୍ କୋର୍ଟର ବିଗ୍ ?ରପତି ବୃନ୍ଦ ଯୋଗଦେଇ ବୃକ୍ଷରୋପଣ କରି ପରିବେଶକୁ ସବୁଜମୟ କରିବା ପାଇଁ ବାର୍ତ୍ତା ଦେଇଥିଲେ । ନେହା ଅଗ୍ରୱାଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ।ସଚିବ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଷ୍ଳନା କରିବା ସଂଗେ ସଂଗେ ସମସ୍ତେ ବୃକ୍ଷଟିଏ ଲଗାଇ ତା'ର ଯତ୍ନ ନେବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ଅଧିକାରୀ, ପୋଲିସ୍ ବିଭାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଅନ୍ୟ ଶିକ୍ଷକ, ପ୍ୟାନେଲ ଓକିଲ୍ ଗଣ, ଏଲ.ଏ.ଡ଼ି.ଏସ୍ ବିଭାଗର ଓକିଲ ବୃନ୍ଦ ତଥା ଜିଲ୍ଲା ଆଇନ ସେବା ପ୍ରାଧ ?କରଣର ସମସ୍ତ କର୍ମଚ୍ଚରାଗଣ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ୪୬ତମ ରାଜ୍ୟ ସ୍ତରୀୟ ଅହମଦୀୟା ଯୁବ ସଂଗଠନର ବାର୍ଷିକ ଇଜତେମା ଉଦଘାଟିତ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ମହମୁଦାବାଦ ମସଜିଦ ପରିସରରେ ଅଲ୍-ଓଡ଼ିଶା ଅହମଦୀୟା ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମଦୀୟାର ୪୬ ତମ ଜିଲ୍ଲା ସ୍ତରୀୟ ବାର୍ଷିକ ଇଜତେମା ଉଦଘାଟିତ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ଅଖିଳ ଭାରତ ଅହମଦୀୟା ଯୁବ ସଂଗଠନର ସଭାପତି ମୌଲାନା ଶମିମ ଅହମଦ ଘୋରୀ ପୌରୋହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ଅତାଉଲ ଶାଫି କରିଥିବା ବେଳେ ଯୁବ ସଂଗଠନର ଶପଥ ପାଠ ସଭାପତି କରାଇଥିଲେ । ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ଶହୀଦମାନଙ୍କ ସ୍ମୃତିରେ ଇସହାକ ଅଲ୍ଲି ଉର୍ଦ୍ଦୁ ନଜମ ପଢି ଶୁଣାଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ସଭାପତି ଅମିରୁଦ୍ଦିନ ଖାଁ ଏବଂ ଜିଲ୍ଲା କଟକର ସଭାପତି ଅବ୍ଦୁଲ ମାଲିକ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୌଲାନା ପ୍ରଭାରୀ ମିର ଅବ୍ଦୁଲ ହଫିଜ, ଇଷ୍ଟ ଇଣ୍ଡିଆ ଅହମଦୀୟା ଯୁବ ସଂଗଠନର ଉପସଭାପତି ସୟଦ ଅକିଲ ଅହମଦ, ବାଲେଶ୍ୱର ଜିଲ୍ଲା ଯୁବ ସଂଗଠନର ସଭାପତି ସିଦ୍ଦିକ ଖାଁ, ଭଦ୍ରକ ଜିଲ୍ଲା ଯୁବ ସଂଗଠନର ସଭାପତି ସୁଲତାନ ଅହମଦ, କଟକ ଜିଲ୍ଲା ଯୁବ ସଂଗଠନର ସଭାପତି ମହମ୍ମଦ ଶଫାକତ ଅଲ୍ଲି, ଖୋର୍ଦ୍ଧ ଓ ନୟାଗଡ଼ ଜିଲ୍ଲା ଯୁବ ସଂଗଠନର ସଭାପତି ତବରେଜ ଅହମଦ ତଥା ପୂର୍ବତନ ଯୁବ ସଂଗଠନର ସଭାପତି ଅଜିଜୁଲ୍ଲା ଖାଁ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ସଭାପତିତ୍ୱ ଭାଷଣରେ ମୌଲାନା ଶମିମ ଅହମଦ ଘୋରୀ କହିଲେ, ଯୁବ ଶକ୍ତି ଦେଶ ଓ ସମାଜର ସର୍ବବୃହତ ଶକ୍ତି । ଯୁବ ସୁଧାରରେ ହିଁ ସମାଜ ସୁଧାର ସମ୍ଭବ । ଶିକ୍ଷା ଓ ଜ୍ଞାନ ଆହରଣ ସହ ସଂସ୍କାର ଓ ଶିଷ୍ଟାଚାର ସିଖିବା ନିହାତି ଆବଶ୍ୟକ । ଧୈର୍ଯ୍ୟ,ସହନଶିଳତା,ସରଳତା, ସକାରତ୍ମକତା,ସଂଯମତା ତଥା ସମନ୍ୱୟତାର ଚରିତ୍ର ଗଠନ କରିବା ପାଇଁ ଅହମଦୀୟା ଯୁବ ସମାଜକୁ ସେ ଆହ୍ୱାନ ଦେଇଥିଲେ । ଏହି ବାର୍ଷିକ ଇଜତେମାରେ ଯୁବକମାନଙ୍କର ଖେଳ ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼, ହାଇ ଜମ୍ପ, ଲଙ୍ଗ ଜମ୍ପ, ଫୁଟବଲ, ଭଲିବଲ, ବାଟୁଳି ଚାଳନା ଏବଂ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ପବିତ୍ର କୋରାନ ପାଠ ଓ ମୁଖସ୍ତ, ବକ୍ତୃତା, ଉର୍ଦ୍ଦୁ ଓ ଓଡ଼ିଆ ନଜମ, କୁଇଜ ଇତ୍ୟାଦି ଦୁଇ ଦିନ ଧରି ଚାଲୁ ରହିବ ବୋଲି ଇଜତେମା କମିଟିର ମୁଖ୍ୟ ସଚିବ ତବରେଜ ଅହମଦ ସୂଚନା ଦେଇଛନ୍ତି।

# ଗଜପତିରେ ଚାଷ କାର୍ଯ୍ୟ ପାଇଁ ଚାଷୀ ପ୍ରସ୍ତୁତ, ହେଲେ ଜଳସେଚନ ପାଇଁ କେନାଲ ସଫେଇରେ ଅନିଶ୍ଚିତତା ଚାଷ କାମ ହେବ କିପରି ?



ପାରଳାଖେମୁଣ୍ଡି, ୮/୬(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାରେ ଚାଷୀମାନେ ଚାଷ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହିଛନ୍ତି. ହେଲେ ଚାଷ ବେଉଷଣ ପାଇଁ ରହିଥିବା କେନାଲ ଗୁଡିକ ବର୍ତ୍ତମାନ ସୁଦ୍ଧା ସଫେଇ ହେଉନଥିବାରୁ ଚାଷ କାମ କେମିତି ଆରମ୍ଭ କରିବୁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି. ଚଳିତବର୍ଷ ପାଣିପାଗ ବିଭାଗର ପ୍ରାକ୍ ଆକଳନ ଅନୁସାରେ ଶୀଘ୍ର ମୌସୁମୀ ଆସିବାର ସମ୍ଭାବନା ରହିଛି । କୃଷକମାନେ ମଧ୍ୟ ଚାଷବାସ ପାଇଁ ଜମି ପ୍ରସ୍ତୁତ କରି ରଖିଲେଣି କିନ୍ତୁ, ଏଯାବତ୍ ଜଳସେଚନ ପାଇଁ ରହିଥିବା କେନାଲଗୁଡ଼ିକର ସଫେଇ ହୋଇ ନଥିବାରୁ ତାଙ୍କ ପାଖରେ ଜଳ କିଭଳି ପହଞ୍ଚିବ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି ।ଦକ୍ଷିଣ ଓଡ଼ିଶାର ଭାତହାଣ୍ଡି ଗଜପତି ଜିଲ୍ଲାର ଗୋଷାଣୀ, କାଶୀନଗର ବ୍ଲକ୍ ଏବଂ ପାରଳାଖେମୁଣ୍ଡି ଉପଖଣ୍ଡରେ ୩୫ ହଜାର ହେକ୍ଟର ଚାଷ ଜମି ଥିବା ବେଳେ ସେଥିରୁ ୨୯ ହଜାର ହେକ୍ଟର ଜମିରେ ଧାନ ଚାଷ ହେଉଛି ବୋଲି ଚାଷୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ପ୍ରଦାନ କରି କହିଛନ୍ତି ଯେ, ଏହି ଜମିଗୁଡ଼ିକ ମୌସୁମୀ ଆଗମନଜନିତ ବର୍ଷା ତଥା ବିଭିନ୍ନ କେନାଲର ପାଣି ଉପରେ ନିର୍ଭରଶୀଳ। ଏଣୁ, ପାରଳାଖେମୁଣ୍ଡି ହେଉ କି ଗଜପତି ଜିଲ୍ଲାର ଅନ୍ୟାନ୍ୟ ବ୍ଲକ, ଜଳସେଚନ ପାଇଁ ସୁବିଧା ପ୍ରଦାନ କରୁଥିବା ସାଗରଗୁଡ଼ିକ ଅବା ନଦୀବନ୍ଧ ଯୋଜନାରେ ନିର୍ମିତ ବଡ଼ବଡ଼ ପୋଖରୀ ସହ ସଂଯୁକ୍ତ ଥିବା କେନାଲଗୁଡ଼ିକ ହେଉ, ସେଗୁଡ଼ିକ ମେ ଓ ଜୁନ ମାସ ସୁଦ୍ଧା ସଫା ହେବା କଥା । ବର୍ଷା ପରେ ଶୀତ ଓ ଗ୍ରୀଷ୍ମରେ ବଢ଼ି ଉଠିଥିବା ଛୋଟବଡ଼ ଗଛ କାଟି ଜଳ ବହିଯିବା ପାଇଁ ପୂର୍ବପ୍ରସ୍ତୁତି କରିବା କଥା। କିନ୍ତୁ, ଚଳିତବର୍ଷ ରାଜ୍ୟ ସରକାରଙ୍କ ଠାରୁ ଆସିଥିବା ଅନୁଦାନରେ ୩ଟି ସାଗର ଖୋଳା କାର୍ଯ୍ୟ ଚାଲୁ ରହିଛି ଅଥଚ୍ କେନାଲଗୁଡିକ ଆଜି ପର୍ଯ୍ୟନ୍ତ ସଫା ହୋଇ ପାରିଲା ନାହିଁ। ଯଦି ଆଗାମୀ ଦିନରେ ନିର୍ଦ୍ଧାରିତ ସମୟ ଅନୁସାରେ ମୌସୁମୀ ବର୍ଷା ହୁଏ, ତା'ହେଲେ ସାଗରରେ ପାଣି ରହିବା କିନ୍ତୁ, କେନାଲଗୁଡ଼ିକ ସଫା ନଥିବାରୁ ଚାଷୀଙ୍କ ଜମିରେ ପାଣି ପହଞ୍ଚିବା କଷ୍ଟସାଧ୍ୟ ହୋଇପଡ଼ିବ ବୋଲି କୃଷକ ସଂଗଠନ ଆଶଙ୍କା ପ୍ରକାଶ କରିଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଚଳିତବର୍ଷ ଅନୁଦାନ ଆସିନଥିବାରୁ ମରାମତି ହୋଇନାହିଁ। ନୂତନ ସରକାର ଗଠନ ପରେ କେନାଲ ସଫେଇ ସହ ମରାମତି କାମ ଆରମ୍ଭ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray